## ଅଧ୍ୟାୟ-୩
## ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର

**୪. କିଶୋର ନ୍ୟାୟ ପରିଷଦ-**

ପ୍ରତି ଜିଲ୍ଲାରେ ଏକ ବା ଏକାଧିକ କିଶୋର ନ୍ୟାୟ ପରିଷଦ ରହିବ, ଏବଂ ଏହା ଆଇନ୍‌ର ଧାରା ୪ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ହେବ ।

**୫. କିଶୋର ନ୍ୟାୟ ପରିଷଦର ଗାଠନିକ ଢାଞ୍ଚା-**

(୧) ପରିଷଦ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତି ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଓ ଦୁଇଜଣ ସମାଜକର୍ମୀଙ୍କୁ ନେଇ ଗଠିତ ହେବ, ଏବଂ ଏହି ଦୁଇଜଣଙ୍କ ଭିତରୁ ଅନ୍ତତଃ ଜଣେ ମହିଳା ହୋଇଥିବେ, ଏବଂ ଏହି ମହିଳା ସଭ୍ୟ ବିଚାରପୀଠ ଭିତରେ ଅନ୍ତର୍ଭୁକ୍ତ ହେବେ ।
ପରନ୍ତୁ, ପରିଷଦର ପ୍ରଧାନ ମାଜିଷ୍ଟ୍ରେଟ୍ ପରିଷଦ ନିକଟରେ ବକେୟା ମୋକଦ୍ଦମାଗୁଡିକର ସମୀକ୍ଷା କରିବେ ଏବଂ ସେଗୁଡିକର ଯଥାତୁରନ୍ତ ଫଇସଲା ପାଇଁ ଆବଶ୍ୟକ ହେଉଥିବା ପଦକ୍ଷେପଗୁଡିକ ଗ୍ରହଣ କାରାଯିବା ସକାଶେ ସୁପାରିଶ୍ କରିବେ,

(୨) ବିଚାରପୀଠର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା୨) ଦ୍ୱାରା ନ୍ୟସ୍ତ ହୋଇଥା ।

(୩) (୧) ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ଉପରେ ସ୍ୱତନ୍ତ୍ର ଜ୍ଞାନ ବା ତାଲିମ୍ ଅର୍ଜନ କରିଥିବା ଜଣେ ମାଜିଷ୍ଟ୍ରେଟ୍‌ଙ୍କୁ ପରିଷଦର ମୁଖ୍ୟ ମାଜିଷ୍ଟ୍ରେଟ୍ ରୂପେ ପଦନାମିତ କରାଯିବ ।
(୨) ଯଦି ଏଭଳି ସ୍ୱତନ୍ତ୍ର ଜ୍ଞାନ ବା ତାଲିମ୍ ଅର୍ଜନ କରିଥିବା ଜଣେ ମୁଖ୍ୟ ମାଜିଷ୍ଟ୍ରେଟ୍ ଉପଲବ୍ଧ ନହୁଅନ୍ତି, ତେବେ ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ଉପରେ ରାଜ୍ୟସରକାର ନିଜେ ଆବଶ୍ୟକ ମନେ କରୁଥିବା ମତେ ଏକ ସ୍ୱଳ୍ପମିଆଦି ତାଲିମ୍ ଆୟୋଜନ କରିପାରନ୍ତି ।

(୪) ଅନ୍ତତଃ ଜଣେ ମହିଳାଙ୍କ ସମେତ ଦୁଇଜଣ ସମାଜକର୍ମୀଙ୍କୁ ରାଜ୍ୟ ସରକାର ଏହି ନିୟମାବଳୀର ନିୟମ ୯୧ ଅନୁଯାୟୀ ଗଠିତ ହୋଇଥିବା ଚୟନ କମିଟିଙ୍କ ସୁପାରିଶ୍ କ୍ରମେ ନିଯୁକ୍ତ କରିବେ ।

(୫) କେନ୍ଦ୍ର ସରକାରଙ୍କ ସମନ୍ୱିତ ବାଳୁତ ସୁରକ୍ଷା ସ୍କିମ୍ ଅନୁଯାୟୀ ରାଜ୍ୟ ସରକାର ନିଜେ ଯଥୋଚିତ ମନେ କରୁଥିବା ମତେ ବାଳୁତ ମନସ୍ତତ୍ତ୍ୱ, ବାଳୁତ କଲ୍ୟାଣ, ବାଳୁତ ଅଧିକାର, କିଶୋର ନ୍ୟାୟ ପାଇଁ ଉଦ୍ଦିଷ୍ଟ ଜାତୀୟ ଓ ଆନ୍ତର୍ଜାତୀୟ ମାନଦଣ୍ଡ ଉପରେ ପରିଷଦର ସମସ୍ତ ସଭ୍ୟସଭ୍ୟାଙ୍କ ପାଇଁ ପ୍ରଶିକ୍ଷଣ ଓ ଅନୁକୂଳୀକରଣର ବ୍ୟବସ୍ଥା କରିବେ ।

**୬. ପରିଷଦର କାର୍ଯ୍ୟକାଳ-**

(୧) ପରିଷଦର କାର୍ଯ୍ୟକାଳ ତିନିବର୍ଷ ହେବ ଏବଂ ପରିଷଦର ସଭ୍ୟସଭ୍ୟା ମାନଙ୍କର ନିଯୁକ୍ତି ପରିଷଦର କାର୍ଯ୍ୟକାଳ ସହ ସମ-ବିସ୍ତାରିତ ରହିବ ।

(୨) ଯେଉଁ ସମାଜକର୍ମୀ ପରିଷଦର ସଭ୍ୟ ହେବେ, ସେ ସର୍ବାଧିକ ଦୁଇଟି କ୍ରମାଗତ କାର୍ଯ୍ୟକାଳ ପାଇଁ ନିଯୁକ୍ତ ହେବାକୁ ଯୋଗ୍ୟ ବିବେଚିତ ହେବେ ।

(୩) ପରିଷଦର କୌଣସି ସଭ୍ୟଙ୍କ କାର୍ଯ୍ୟକାଳର ସଂପ୍ରସାରଣ କରଯିବା ରାଜ୍ୟ ସରକାରଙ୍କ ଜିଲ୍ଲା ବାଳୁତ ସୁରକ୍ଷା ୟୁନିଟ୍‌ଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟସମୀକ୍ଷା ତଥା ସଂପୃକ୍ତ ଉଦ୍ଦେଶ୍ୟରେ

ଗଠିତ ହୋଇଥିବା ଚୟନ କମିଟିଙ୍କ ସୁପାରିଶ୍ ଉପରେ ନିର୍ଭର କରିବ, ଏବଂ ପରିଷଦର କୌଣସି ସଭ୍ୟଙ୍କ କାର୍ଯ୍ୟସମୀକ୍ଷା କରାଗଲା ବେଳେ ପରିଷଦର କାର୍ଯ୍ୟଧାରାରେ ତାଙ୍କର ଅଂଶଗ୍ରହଣ ତଥା କେଶ୍ ଫଇସଲା କ୍ଷେତ୍ରରେ ତାଙ୍କର ଅବଦାନକୁ ନିଶ୍ଚିତ ରୂପେ ମୂଲ୍ୟାୟନ କରାଯିବ ।

(୪) ଜଣେ ସଭ୍ୟ ଯେ କୌଣସି ସମୟରେ ଲିଖିତ ଭାବେ ଏକ ମାସର ଅଗ୍ରୀମ ନୋଟିସ୍ ଦେଇ ଇସ୍ତଫା ଦେଇପାରନ୍ତି, ଅଥବା ଆଇନ୍‌ର ଧାରା ୪ ଅଧୀନରେ ଉପଧାରା (୫) ଅନୁଯାୟୀ ତାଙ୍କୁ ତାଙ୍କର ପଦବୀରୁ ବହିଷ୍କାର କରାଯାଇପାରେ ।

(୫) ପରିଷଦରେ ଖାଲି ପଡିଥିବା ସଭ୍ୟପଦକୁ ଚୟନ କମିଟିଙ୍କ ଦ୍ୱାରା ପ୍ରସ୍ତୁତ ନାମତାଲିକା ଭିତରୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପୂରଣ କରାଯାଇପାରେ, ଏବଂ ଉକ୍ତ ବ୍ୟକ୍ତି ପରିଷଦର କାର୍ଯ୍ୟକାଳର ଅବଶିଷ୍ଟ ସମୟ ଅବଧି ପାଇଁ ନିଜର ଦାୟିତ୍ୱ ତୁଲାଇବେ ।

## ୭. ପରିଷଦର ସଭ୍ୟମାନଙ୍କ ପାଇଁ ଆବଶ୍ୟକ ଯୋଗ୍ୟତା-

(୧) ପରିଷଦର ସଭ୍ୟ ରୂପେ ନିଯୁକ୍ତ ହେବାକୁ ଥିବା ସମାଜକର୍ମୀଙ୍କ ବୟସ ୩୫ବର୍ଷରୁ କମ୍ ହୋଇନଥିବ, ଏବଂ ସେ ସାମାଜିକ କାର୍ଯ୍ୟ. ସ୍ୱାସ୍ଥ୍ୟ, ଶିକ୍ଷା. ମନସ୍ତତ୍ତ୍ୱ, ବାଳୁତ ବିକାଶ ବା ଅନ୍ୟ କୌଣସି ସମାଜ ବିଜ୍ଞାନ ସଂପର୍କୀତ ବିଷୟରେ ଉପାଧ୍ୟୁତ୍ତର ଡିଗ୍ରୀ ହାସଲ କରିଥିବେ ତଥା ଅନ୍ତତଃ ସାତ ବର୍ଷ ଧରି ବାଳୁତ କଲ୍ୟାଣ ସଂପର୍କୀତ କାର୍ଯ୍ୟକ୍ରମଗୁଡିକ ଉପରେ ଯୋଜନା ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ ଏବଂ ପ୍ରଶାସନରେ ଜଡିତ ଏବଂ ନିୟୋଜିତ ଥିବେ ।

(୨) ଏମିତି ଜଣେ ବ୍ୟକ୍ତିଙ୍କୁ ପରିଷଦର ସଭ୍ୟ ରୂପେ ଚୟନ କରିବା ବିଚାରକୁ ନିଆଯିବ ନାହିଁ, ଯଦି ସେହି ବ୍ୟକ୍ତି –

(ଏ) କୌଣସି ଆଇନ୍ ଅଧୀନରେ ଦୋଷୀସାବ୍ୟସ୍ତ ହୋଇଥାଆନ୍ତି ;

(ବି) ବାଳୁତ ପ୍ରତି ଦୁର୍ବ୍ୟବହାର ବା ବାଳୁତ ଶ୍ରମିକକୁ ନିଯୁକ୍ତି ବା ଅନ୍ୟ କୌଣସି ମାନବିକ ଅଧିକାର ଉଲ୍ଲଂଘନ ବା ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇଥିବେ ;

(ସି) ଏଭଳି ଏକ ପେଷାରେ ନିଯୁକ୍ତ ଅଛନ୍ତି, ଯାହା ଫଳରେ ପରିଷଦର କାର୍ଯ୍ୟ ପାଇଁ ସେ ଆବଶ୍ୟକୀୟ ସମୟ ଓ ଧ୍ୟାନ ଦେବା ପାଇଁ ଅସମର୍ଥ;

(ଡି) ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ବିହିତ ହୋଇଥିବା ଯୋଗ୍ୟତା ଓ ଅଭିଜ୍ଞତାର ମାନଦଣ୍ଡକୁ ସେ ପୂରଣ କରୁନଥିବେ ଏବଂ ଏଭଳି କ୍ଷେତ୍ରରେ ଚୟନ କମିଟି ଯଥାବିଧି ଅନୁସନ୍ଧାନ କରିବେ ଏବଂ ଉକ୍ତ ବିଷୟ ପ୍ରମାଣିତ ହେବା ପରେ ସଂପୃକ୍ତ ବ୍ୟକ୍ତିଙ୍କର ଦରଖାସ୍ତକୁ ନାକଚ କରିଦେବେ ତଥା ଖାଲିସ୍ଥାନ ପୂରଣ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ନାମ ତାଲିକାରୁ ପରବର୍ତ୍ତୀ ବ୍ୟକ୍ତିଙ୍କର ନାମକୁ ସୁପାରିଶ୍ କରିବେ ।

## ୮. ବୈଠକ ଓ ଯାତାୟତ ଭତ୍ତା-

ପରିଷଦର ସମାଜକର୍ମୀ ସଭ୍ୟମାନଙ୍କ ସେହି ଯାତାୟତ ଓ ବୈଠକ ଭତ୍ତା ମିଳିବ, ଯାହାକି ରାଜ୍ୟ ସରକାର ନିର୍ଦ୍ଧାରଣ କରିପାରନ୍ତି, କିନ୍ତୁ ଏହା ପ୍ରତି ବୈଠକ ପିଛା ପାଞ୍ଚ ଶହ ଟଙ୍କାରୁ କମ୍ ହେବନି ।

## ୯. ପରିଷଦର ବୈଠକମାନ-

(୧) ପରିଷଦ ଏହାର ବୈଠକଗୁଡିକୁ ଏକ ପରିବେକ୍ଷଣ ଗୃହର ପରିସର ଭିତରେ ବା ଏକ ପରିବେକ୍ଷଣ ଗୃହର ନିକଟରେ ଅବସ୍ଥିତ ଏକ ସ୍ଥାନରେ ବା ଏହି ଆଇନ୍ ଅଧୀନରେ ପରିଚାଳିତ ହେଉଥିବା ଅନ୍ୟ

କୌଣସି ଅନୁଷ୍ଠାନର ଏକ ଉପଯୁକ୍ତ ପରିସରରେ ଆୟୋଜନ କରିବ, ଏବଂ କୌଣସି ସ୍ଥିତିରେ ପରିଷଦ କୌଣସି ଅଦାଲତର ପରିସର ଭିତରୁ ନିଜର କୌଣସି କାର୍ଯ୍ୟ ପରିଚାଳନା କରିବ ନାହିଁ ।

(୨) ଯେଉଁ ପରିସର ଭିତରେ ପରିଷଦ ନିଜର ବୈଠକଗୁଡ଼ିକୁ ଆୟୋଜନ କରିବ, ତାହା ବାଳୁତ-ଅନୁକୂଳ ହୋଇଥିବ ଏବଂ ଏହା କୌଣସି ଦୃଷ୍ଟିରୁ ଗୋଟିଏ ଅଦାଲତ ଭଳି ପ୍ରତୀୟମାନ ହେଉନଥିବ; ଉଦହରଣ ସ୍ୱରୂପ, ପରିଷଦ ଏକ ଉଚ୍ଚାଳିଆ ମଞ୍ଚ ଉପରେ ବସିବନି, ଏବଂ ବସିବାର ବ୍ୟବସ୍ଥା ସମରୂପ ହୋଇଥିବ ଏବଂ ସେଠାରେ କୌଣସି କାଠଗଡା ନଥିବ ।

(୩) ଯଦି ଗୋଟିଏ ଜିଲ୍ଲାରେ ବିଚାରାଧୀନ କେଶ୍ ସଂଖ୍ୟା କମ୍ ନଥାଏ ଏବଂ ସଂପୃକ୍ତ କର୍ତ୍ତୃପକ୍ଷ କୌଣସି ଆଦେଶ ଜାରି କରିନଥାନ୍ତି, ତେବେ ପରିଷଦ ସପ୍ତାହର ସମସ୍ତ କର୍ମଦିବସରେ ନିଜର ବୈଠକ କରିବ ।

(୪) ଗୋଟିଏ ବର୍ଷରେ ପରିଷଦର ଅଧ୍ୟକ୍ଷ ଏବଂ ସଭ୍ୟସଂଖ୍ୟାର ଅନ୍ୟୁନ ତିନି-ଚତୁର୍ଥାଂଶ ବୈଠକରେ ଉପସ୍ଥାନ ରହିବା ଆବଶ୍ୟକ ।

ପ୍ରତି ବୈଠକ ପାଇଁ ପ୍ରତି ସଭ୍ୟ ଅନ୍ୟୁନ ପାଞ୍ଚ ଘଣ୍ଟା ସମୟ ଦେବେ ।

**୧୦. ପରିଷଦର କାର୍ଯ୍ୟାବଳୀ-**

ଆଇନ୍‌ର ଉଦ୍ଦେଶ୍ୟଗୁଡ଼ିକ ହାସଲ କରିବା ପାଇଁ ପରିଷଦ ନିମ୍ନୋକ୍ତ କାର୍ଯ୍ୟମାନ ସମ୍ପାଦନ କରିବ-

(ଏ) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର କେଶ୍‌ଗୁଡ଼ିକୁ ବିଚାର ଏବଂ ଫଇସଲା କରିବା ;

(ବି) ଆଇନ୍‌ର ଧାରା ୨୩ରୁ ୨୮ ଅଧୀନରେ ଘଟିତ ଅପରାଧଗୁଡ଼ିକୁ ସଜ୍ଞାନ କରିବା ;

(ସି) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ସଂସ୍ଥାଗୁଡ଼ିକୁ ତଦାରଖ କରିବା ଏବଂ ସେମାନଙ୍କର କୌଣସି ଦୋଷତ୍ରୁଟି ନଜରକୁ ଆସିଥିଲେ, ସେଗୁଡ଼ିକର ଦୂରୀକରଣ ପାଇଁ ତଥା ପରିଷଦର ପରାମର୍ଶ ଅନୁଯାୟୀ ନିଜର କାର୍ଯ୍ୟଧାରାର ସଂଶୋଧନ ପାଇଁ ସେମାନଙ୍କ ଠାରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଦାବୀ କରିବା ;

(ଡି) ସଂପୃକ୍ତ ସରକାରୀ କର୍ମକର୍ତ୍ତା ବା ଯଥାସ୍ଥିତି ସ୍ୱେଚ୍ଛାସେବୀ ସଂଗଠନମାନଙ୍କ କର୍ମକର୍ତ୍ତା ଯଦି କୌଣସି ଖିଲାପ ଘଟାଇଥାନ୍ତି ତେବେ ଯଥାବିଧି ସେଗୁଡ଼ିକର ସମାଧାନ କରିବା ;

(ଇ) ଆଇନ୍‌ର ଭାବପୂର୍ତ୍ତୀ ପାଇଁ ଯେପରି ନ୍ୟାୟ ଓ ଉପଚାରର ସର୍ବନିମ୍ନ ମାନଦଣ୍ଡ ବଜାୟ ରହିବ, ସେଥିପାଇଁ ଆବଶ୍ୟକୀୟ ସଂରଚନାଗତ ସୁବିଧା ଓ ସୁଯୋଗ ସୃଷ୍ଟି କରିବା ବା ତହିଁର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ଓ ପୋଲିସ୍‌କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିପାରିବା ;

(ଏଫ୍) ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା କେଶ୍‌ଗୁଡ଼ିକ କ୍ଷେତ୍ରରେ କମିଟି ସହିତ ସଂଯୋଗ ରକ୍ଷା କରିବା ;

(ଜି) କେଶ୍‌ଗୁଡ଼ିକର ଯଥାବିଧି କ୍ଷିପ୍ର ଅନୁସନ୍ଧାନ ଏବଂ ଫଇସଲାକୁ ସହଜସାଧ୍ୟ କରିବା ଉଦ୍ଦେଶ୍ୟରେ ଅନ୍ୟସବୁ ଜିଲ୍ଲାର ପରିଷଦଗୁଡ଼ିକ ସହ ସଂଯୋଗ ରକ୍ଷା କରିବା ;

(ଏଚ୍) ଆଇନ୍‌ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଉପୁଜୁଥିବା ଆକସ୍ମିକ ସ୍ଥିତିଗୁଡ଼ିକୁ ମୁକାବିଲା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ କିଶୋରର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ସଂପୃକ୍ତ ଅସୁବିଧାଗୁଡ଼ିକୁ ଦୂର କରିବା ;

(ଆଇ) ନିଜ ସମ୍ମୁଖରେ ହାଜର କରାଯାଉଥିବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ବିଷୟରେ ତ୍ରୈମାସିକ ସୂଚନା ଜିଲ୍ଲା ଓ ରାଜ୍ୟ ବାଳୁତ ସୁରକ୍ଷା ୟୁନିଟ୍, ରାଜ୍ୟ ସରକାର ତଥା ମୁଖ୍ୟ

ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଆଇନ୍‌ର ଧାରା ୧୪ ଅନ୍ତର୍ଗତ ଉପଧାରା (୨) ଅନୁଯାୟୀ ସମୀକ୍ଷା ନିମନ୍ତେ ପଠାଇବା ;

(ଜେ) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋରମାନଙ୍କ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ନ୍ୟସ୍ତ ହେଉଥିବା ଅନ୍ୟ କୌଣସି କାର୍ଯ୍ୟ ।

**୧୧. ହାଜର ପୂର୍ବରୁ ଏବଂ ହାଜର ପରେ ପୋଲିସ୍ ଏବଂ ଅନ୍ୟ ସଂସ୍ଥାମାନଙ୍କର କର୍ତ୍ତବ୍ୟ -**

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ହୋଇଥିବାର ଅଭିଯୋଗକୁ କେନ୍ଦ୍ର କରି ପୋଲିସ୍ ଜଣେ କିଶୋରକୁ ଗିରଫ କରିବା ପରେ ପରେ ସଂପୃକ୍ତ ପୋଲିସ୍ ଅଧିକାରୀ ନିମ୍ନୋକ୍ତ ସୂଚନା ପ୍ରଦାନ କରିବେ:

(ଏ) ନିକଟତମ ପୋଲିସ୍ ଥାନାରେ ଥିବା ପଦନାମିତ କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କୁ କେଶ୍‌ର ଦାୟିତ୍ୱ ଗ୍ରହଣ କରିବା ପାଇଁ ;

(ବି) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ବୋଲି ଅଭିଯୁକ୍ତ ହୋଇଥିବା କିଶୋରର ପିତାମାତାଙ୍କୁ ବା ଅଭିଭାବକଙ୍କୁ କିଶୋରକୁ ଗିରଫ କରାଯିବା ସଂପର୍କରେ, ଯେଉଁ ପରିଷଦ ସାମନାରେ କିଶୋରଙ୍କୁ ହାଜର କରାଯିବ, ତହିଁର ଠିକଣା, ଏବଂ କେଉଁ ତାରିଖ ଏବଂ ସମୟରେ ପିତାମାତା ବା ଅଭିଭାବକଙ୍କୁ ପରିଷଦଙ୍କ ସାମନାରେ ଉପସ୍ଥିତ ହେବା ଆବଶ୍ୟକ ;

(ସି) ସଂପୃକ୍ତ ପରିବୀକ୍ଷା (ପ୍ରୋବେସନ୍) ଅଧିକାରୀଙ୍କୁ, ଏ ପ୍ରକାର ଗିରଫ ସମ୍ବନ୍ଧରେ, ଯାହା ଫଳରେ ସେ ସଂପୃକ୍ତ କିଶୋରର ସାମାଜିକ ପୃଷ୍ଠଭୂମି ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟଗୁଡିକ ସମ୍ବନ୍ଧରେ ସୂଚନା ସଂଗ୍ରହ କରିପାରିବେ, ଯାହାକି ଅନୁସନ୍ଧାନ କରିବା କ୍ଷେତ୍ରରେ ପରିଷଦ ପ୍ରତି ସହାୟକ ହୋଇପାରିବ ;

(୨) ସଂପୃକ୍ତ କିଶୋରକୁ ଗିରଫ କଲାପରେ ତାକୁ ନିକଟତମ ପୋଲିସ୍ ଥାନାରେ ଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ଦାୟିତ୍ୱ ଅଧୀନରେ ସ୍ଥାନିତ କରାଯିବ, ଏବଂ ସେ ଆଇନ୍‌ର ଧାରା ୧୦ ଅନ୍ତର୍ଗତ ଉପଧାରା (୧) ଅନୁଯାୟୀ କିଶୋର ଜଣକୁ ଚବିଶ ଘଣ୍ଟା ଭିତରେ କିଶୋର ପରିଷଦ ସମ୍ମୁଖରେ ପେଶ୍ କରାଇବେ ଏବଂ ଯେଉଁସ୍ଥଳେ ଆଇନ୍‌ର ଧାରା ୬୩ର ଉପଧାରା (୨)ରେ ସ୍ଥାନିତ ବ୍ୟବସ୍ଥା ଅନୁଯାୟୀ କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ପଦନାମିତ ହୋଇନଥିବେ ଅଥବା ଯେଉଁସ୍ଥଳେ ଉକ୍ତ ଅଧିକାରୀ କୌଣସି ସରକାରୀ କାରଣରୁ ଉପସ୍ଥିତ ନଥିବେ, ସେପରି ସ୍ଥଳେ ସଂପୃକ୍ତ କିଶୋରକୁ ଗିରଫ କରିଥିବା ପୋଲିସ୍ ଅଧିକାରୀ କିଶୋର ଜଣକୁ ପରିଷଦ ସାମନାରେ ପେଶ୍ କରିବେ ।

(୩) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋରକୁ ଗିରଫକାରୀ ପୋଲିସ୍ କୌଣସି ପରିସ୍ଥିତିରେ ତାଲା-ବନ୍ଦ ହାଜତ ଭିତରେ ରଖିବେ ନାହିଁ ଅଥବା ସେହି କିଶୋରକୁ ନିକଟତମ ପୋଲିସ୍ ଥାନାରେ ଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ଦାୟିତ୍ୱ ଅଧୀନକୁ ହସ୍ତାନ୍ତର କରିବାରେ ବିଳମ୍ବ କରିବେ ନାହିଁ, ଯଦି ଏପ୍ରକାର ଜଣେ ଅଧିକାରୀ ପଦନାମିତ ହୋଇଥାନ୍ତି ।

(୪) ଗୋଟିଏ ଜିଲ୍ଲାର ସମସ୍ତ ପଦନାମିତ କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ତାଲିକା ଏବଂ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ସେମାନଙ୍କ ସହିତ ଯୋଗାଯୋଗର ଠିକଣା ସହ ପ୍ରତି ପୋଲିସ୍ ଥାନାରେ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ ।

(୫) ଉପଲବ୍ଧ ହେଉଥିବା ସର୍ବୋତ୍ତମ ସୂଚନାବଳୀକୁ ସଂଗ୍ରହ କରିପାରିବା ଉଦ୍ଦେଶ୍ୟରେ ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କର ଏହା ଏକ କର୍ତ୍ତବ୍ୟ ହେବ

ଯେ, ସେ ସଂପୃକ୍ତ କିଶୋରର ପିତାମାତା ବା ଅଭିଭାବକଙ୍କୁ ଯୋଗାଯୋଗ କରିବେ ତଥା ସେମାନଙ୍କୁ କିଶୋରର ଆଇନ୍ ଉଲ୍ଲଂଘନକାରୀ ବ୍ୟବହାର ବିଷୟରେ ମଧ୍ୟ ଅବଗତ କରାଇବେ ।

(୬) ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ସଂପୃକ୍ତ କିଶୋରର ସାମାଜିକ ପୃଷ୍ଠଭୂମି, କେଉଁ ପରିସ୍ଥିତିରେ ତାକୁ ଗିରଫ କରାଯାଇଛି ଏବଂ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ କେଶ୍ ଡାଏରୀରେ ଯେଉଁ ଅପରାଧ ପାଇଁ ଅଭିଯୋଗ ସୂଚୀତ ହୋଇଛି, ତାହାକୁ ଲିପିବଦ୍ଧ କରିବେ ଏବଂ ଏହି ସୂଚନାବଳୀକୁ ତତ୍କ୍ଷଣାତ୍ ପରିଷଦଙ୍କ ନିକଟକୁ ଅଭିପ୍ରେରଣ କରାଯିବ ।

(୭) ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ କେବଳ ଗୁରୁତର ଅପରାଧ (ସାବାଳକମାନଙ୍କ ପାଇଁ ୭ବର୍ଷ ବା ତଦୁର୍ଦ୍ଧ୍ୱ ଜେଲ୍‌ଦଣ୍ଡର ବ୍ୟବସ୍ଥା ଥିବା)ରେ ଜଡିତ ହୋଇଥିବାର ଅଭିଯୋଗକୁ ଭିତ୍ତି କରି ଜଣେ କିଶୋରକୁ ଗିରଫ କରିବାର ଅଧିକାର ପ୍ରୟୋଗ କରିପାରିବେ ।

(୮) ଯେଉଁସବୁ କ୍ଷେତ୍ରରେ ସଂପୃକ୍ତ କିଶୋରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତାକୁ ଗିରଫ କରାଯାଇଛି ବୋଲି ପ୍ରତୀୟମାନ ହେବ, ସେପରି କ୍ଷେତ୍ରରେ ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ସେହି କିଶୋର ସହିତ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ଭାବି ଆଚରଣ କରିବେ ଏବଂ ତାକୁ ପରିଷଦ ସାମନାରେ ହାଜର କରିବେ ଏବଂ ଏପରି ହାଜର କଲାବେଳେ ନିଜର ରିପୋର୍ଟରେ ସେହି କିଶୋର ପାଇଁ କି ପ୍ରକାରର ଯତ୍ନ ଓ ସୁରକ୍ଷା ଆବଶ୍ୟକ, ତାହା ସୁସ୍ପଷ୍ଟ ଭାବେ ସୂଚାଇବେ ତଥା ଏହି ନିୟମାବଳୀର ନିୟମ ୧୩(୧)(ବି) ଅନୁଯାୟୀ ପରିଷଦଙ୍କ ଠାରୁ ଯଥୋଚିତ ଆଦେଶ ପାଇଁ ଆବେଦନ କରିବେ ।

(୯) ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଯେଉଁଠି ଅପରାଧ ଗୁରୁତର ନୁହେଁ (ବୟସ୍କମାନଙ୍କ ପାଇଁ ସାତ ବର୍ଷରୁ କମ୍ ଜେଲ୍‌ଦଣ୍ଡର ବ୍ୟବସ୍ଥା) ଏବଂ ଯେଉଁଠି କିଶୋରର ସ୍ୱାର୍ଥ ଦୃଷ୍ଟିରୁ ତାକୁ ଗିରଫ କରିବା ଆବଶ୍ୟକ ନୁହେଁ, ସେପରି କ୍ଷେତ୍ରରେ ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ସଂପୃକ୍ତ କିଶୋରର ପିତାମାତା ବା ଅଭିଭାବକଙ୍କୁ ଏକଥା ଅବଗତ କରାଇବେ ଯେ, ସେମାନଙ୍କ ସନ୍ତାନ ବା ଦାୟିତ୍ୱାଧୀନ ନାବାଳକ ଏକ ଅପରାଧ ଘଟାଇଥିବାର ଯେଉଁ ଅଭିଯୋଗ ଆସିଛି, ତାହା ସହିତ ସେହି କିଶୋରର ସାମାଜିକ-ଆର୍ଥିକ ପୃଷ୍ଠଭୂମି ସମ୍ବନ୍ଧରେ ପରିଷଦଙ୍କ ନିକଟକୁ ସୂଚନା ଅଭିପ୍ରେରଣ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ଶୁଣାଣି ପାଇଁ ସେହି କିଶୋରଙ୍କୁ ଡକରା ପଠାଇବାର କ୍ଷମତା ପରିଷଦଙ୍କର ରହିଛି ।

(୧୦) ଯଦି ସେତେବେଳେ ପରିଷଦର ବୈଠକ ବସୁ ନଥାଏ, ତେବେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ସଂପୃକ୍ତ କିଶୋରକୁ ଆଇନ୍‌ର ଧାରା ୫ ଅଧୀନସ୍ଥ ଉପଧାରା (୨) ଅଧୀନରେ ସ୍ଥାନିତ ବ୍ୟବସ୍ଥା ଅନୁଯାୟୀ ଜଣିକିଆ ପରିଷଦ ସମ୍ମୁଖରେ ହାଜର କରାଯିବ ।

(୧୧) କେବଳ ଯେଉଁଠି ଜଣେ କିଶୋର ଦ୍ୱାରା ଧର୍ଷଣ ବା ହତ୍ୟା ଭଳି ଗୁରୁତର ଅପରାଧ ଘଟିଛି ବୋଲି ଅଭିଯୋଗ ହୋଇଥାଏ, ବା ଯେଉଁଠି ଏପ୍ରକାର ଅପରାଧ ଜଣେ କିଶୋର ବୟସ୍କ ବ୍ୟକ୍ତିମାନଙ୍କ ସହ ମିଶି ଘଟାଇଥାଏ, ସେପରି ସ୍ଥିତିକୁ ବାଦ୍ ଦେଲେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ କେଶ୍ ବୁଝାଶୁଝା କରୁଥିବା ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ପକ୍ଷେ ଏକ ଏଫ୍.ଆଇ,ଆର୍. ଦରଜ କରିବା ବା ଅଭିଯୋଗ-ଫର୍ଦ୍ଦ ଦାଖଲ କରିବା ଆବଶ୍ୟକ ପଡିବନି; ବରଂ ସାମାନ୍ୟ ଅପରାଧ ଜଡିତ ଥିବା ଘଟଣାମାନ ପରିପ୍ରେକ୍ଷୀରେ ପୋଲିସ୍ ବା ନିକଟତମ ପୋଲିସ୍ ଥାନାର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ ସାଧାରଣ ଡାଏରୀରେ

ସଂପୃକ୍ତ କିଶୋର ଦ୍ୱାରା ଘଟିଥିବା ଅପରାଧର ଅଭିଯୋଗ ବିଷୟରେ ସୂଚନା ଲିପିବଦ୍ଧ କରିରଖିବେ ଏବଂ ଏହା ସହିତ କିଶୋରର ସାମାଜିକ ପୃଷ୍ଠଭୂମି, ତାକୁ ଯେଉଁ ପରିସ୍ଥିତିରେ ଗିରଫ କରାଯାଇଛି ଓ ଯେଉଁ ଅପରାଧ ବିଷୟରେ ଅଭିଯୋଗ ଆସିଛି, ସେ ବିଷୟରେ ଏକ ରିପୋର୍ଟ ଯୋଡିବେ ଏବଂ ସେସବୁ ସୂଚନାକୁ ପରିଷଦଙ୍କ ନିକଟକୁ ପ୍ରଥମ ଶୁଣାଣି ପୂର୍ବରୁ ଅଭିପ୍ରେରଣ କରିବେ ।

(୧୨) ରାଜ୍ୟ ସରକାର କେବଳ ସେହିସବୁ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ସ୍ୱୀକୃତି ଦେବେ, ଯେଉଁମାନେ ଏହିସବୁ ସେବା, ଯଥା ପରିବୀକ୍ଷା (ପ୍ରୋବେସନ୍), ପରାମର୍ଶ, କେଶ୍ କାର୍ଯ୍ୟ ଓ ନିରାପଦ ସ୍ଥାନ ଯୋଗାଇ ଦେବାକୁ ସମର୍ଥ, ଏବଂ ଯେଉଁମାନେ ପୋଲିସ୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍‌ର ବାଳୁତ କଲ୍ୟାଣ ଅଧିକାରୀଙ୍କ ସହିତ ସହଯୋଗ କରିପାରିବେ ଏବଂ ଯେଉଁମାନଙ୍କର ଏଭଳି ଦକ୍ଷତା, ସୁବିଧାସୁଯୋଗ ଏବଂ ପାରଦର୍ଶୀତା ଅଛି ଯଦ୍ୱାରା ସେମାନେ ସୁରକ୍ଷା ସଂସ୍ଥା ରୂପେ ପୋଲିସ୍ ବା ପୋଲିସ୍‌ଙ୍କ ଭିତରେ ଥିବା କିଶୋର ବା ବାଳୁତ କଲ୍ୟାଣ ଅଧିକାରୀଙ୍କୁ ବିଭିନ୍ନ ପ୍ରକାରେ ସହାୟତା କରିପାରିବେ, ଯଥା ଗିରଫ ବେଳେ କିଶୋରର ସାମାଜିକ ପୃଷ୍ଠଭୂମି, କେଉଁ ପରିସ୍ଥିତିରେ ଗିରଫ ହୋଇଛି ଏବଂ କେଉଁ ଅପରାଧ ସମ୍ବନ୍ଧରେ ଅଭିଯୋଗ ଉଠିଛି ସେସବୁ ସମ୍ବନ୍ଧରେ ସୂଚନା ସମ୍ବଳିତ ଥାଇ ରିପୋର୍ଟ ପ୍ରସ୍ତୁତି, ପରିଷଦ ସାମନାରେ ହାଜର କରାଯିବା ପର୍ଯ୍ୟନ୍ତ ସଂପୃକ୍ତ କିଶୋରର ଦାୟିତ୍ୱଭାର ସମ୍ଭାଳିବା ଏବଂ ଚବିଶ ଘଣ୍ଟା ଭିତରେ ସଂପୃକ୍ତ କିଶୋରକୁ ପ୍ରକୃତ ପକ୍ଷେ ପରିଷଦ ସାମନାରେ ପେଶ୍ କରିବା ।

(୧୩) ଗିରଫ ହୋଇଥିବା କିଶୋର ପାଇଁ ବା ଯେଉଁ ସମୟ ଅବଧି ପାଇଁ ସଂପୃକ୍ତ କିଶୋର ସେମାନଙ୍କ ଦାୟିତ୍ୱ ଅଧୀନରେ ସେମାନଙ୍କ ସହିତ ଥାଏ ସେହି ସମୟ ଭିତରେ କିଶୋରର ନିରାପତ୍ତା ଓ ତା'ପାଇଁ ଖାଦ୍ୟ ଓ ମୌଳିକ ଆବଶ୍ୟକତାଗୁଡିକୁ ଯୋଗାଇ ଦେବା ପାଇଁ ସଂପୃକ୍ତ ପୋଲିସ୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍‌ର କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ, ଅଥବା ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନ ଉତ୍ତରଦାୟୀ ଅଟନ୍ତି ।

(୧୪) ଯେଉଁସ୍ଥଳେ ଜଣେ କିଶୋରକୁ ପରିଷଦର ଜନୈକ ସଭ୍ୟଙ୍କ ସାମନାରେ ହାଜର କରାଯାଇଥାଏ ଏବଂ ତାଙ୍କ ଠାରୁ ଏକ ଆଦେଶ ପ୍ରାପ୍ତ ହୋଇଥାଏ, ସେପରି ସ୍ଥଳେ ପରିଷଦର ପରବର୍ତ୍ତୀ ବୈଠକରେ ଉକ୍ତ ଆଦେଶକୁ ାନୁମୋଦନ କରାଯିବ ।

## ୧୨. ବୟସ ନିରୂପଣ ପାଇଁ ଅନୁସରଣୀୟ ପଦ୍ଧତି-

(୧) ଜଣେ ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ଜଡିତ ଥିବା ପ୍ରତି ମାମଲା କ୍ଷେତ୍ରରେ ସଂପୃକ୍ତ ଅଦାଲତ ବା ପରିଷଦ ବା ଯଥାସ୍ଥିତି ଏହି ନିୟମାବଳୀର ନିୟମ-୧୯ରେ ସୂଚୀତ ହୋଇଥିବା କମିଟି ସଂପୃକ୍ତ ଉଦ୍ଦେଶ୍ୟରେ ଆଗତ ହୋଇଥିବା ଦରଖାସ୍ତର ତିରିଶ ଦିନର ସମୟସୀମା ଭିତରେ ଉକ୍ତ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରର ବୟସ ନିର୍ଦ୍ଧାରଣ କରିବେ ।

(୨) ସଂପୃକ୍ତ ଅଦାଲତ ବା ପରିଷଦ ବା ଯଥାସ୍ଥିତି କମିଟି ସଂପୃକ୍ତ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରର ଶାରିରୀକ ଚେହେରା ବା ଯଦି କୌଣସି ଦଲିଲ୍ ଉପଲବ୍ଧ ହେଉଥାଏ, ତେବେ ତାହା ଭିତ୍ତିରେ ସେମାନେ ଏକ ପ୍ରାଥମିକ ଧାରଣାରେ ଉପନୀତ ହେବେ ଏବଂ ତଦନୁଯାୟୀ ଉକ୍ତ କିଶୋର ବା ଯଥାସ୍ଥିତି ବାଳୁତ ଜଣେ କିଶୋର କି ନୁହେଁ, ତାହା ନିରୂପଣ କରିବେ ଏବଂ ଏହାପରେ ତାକୁ ପରିବେକ୍ଷଣ ଗୃହ ବା ଜେଲ୍‌କୁ ପଠାଇବେ ।

(୩) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ ବାଳୁତ ବା କିଶୋରକୁ ଜଡିତ କରି ଉପୁଜିଥିବା ପ୍ରତି ମାମଲାରେ ବୟସ ନିରୂପଣ ସଂକ୍ରାନ୍ତୀୟ ଅନୁସନ୍ଧାନ ସଂପୃକ୍ତ ଅଦାଲତ ବା ପରିଷଦ ବା ଯଥାସ୍ଥିତି କମିଟିଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ସେ ପ୍ରମାଣ ପାଇଁ ନିମ୍ନୋକ୍ତ ସୂଚନାଗୁଡିକ ସଂଗ୍ରହ କରିବାକୁ ଚେଷ୍ଟା କରିବେ-

(ଏ)(୧) ଯଦି ମାଟ୍ରିକ୍ୟୁଲେସନ୍ ବା ତତ୍ତୁଲ୍ୟ ସାର୍ଟିଫିକେଟ୍ ଉପଲବ୍ଧ; ଏବଂ ଯଦି ତାହା ନଥିବ, ତେବେ ;

(୨) ପ୍ରଥମେ ଯେଉଁ ସ୍କୁଲ୍‌ରେ ଯୋଗଦାନ କରିଥିଲା (କ୍ରୀଡା ସ୍କୁଲ୍‌କୁ ଛାଡି), ସେହି ସ୍କୁଲ୍‌ରୁ ବୟସ ସାର୍ଟିଫିକେଟ୍ ; ଏବଂ ଯଦି ତାହା ନଥିବ, ତେବେ ;

(୩) ଗୋଟିଏ କର୍ପୋରେସନ୍ ବା ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ ବା ପଞ୍ଚାୟତ ଠାରୁ ମିଳିଥିବା ଜନ୍ମ ସାର୍ଟିଫିକେଟ୍ ;

(ବି) ଏବଂ ଉଲ୍ଲିଖିତ ଖଣ୍ଡବାକ୍ୟ (ଏ)(୧)(୨)(୩) ଅଧୀନରେ ଯେଉଁ ପ୍ରମାଣ ବିଷୟରେ କୁହାଯାଇଛି, ତାହା ଯଦି ନମିଳେ, ତେବେ ଯଥାବିଧି ଗଠିତ ହୋଇଥିବା ଏକ ମେଡିକାଲ୍ ବୋର୍ଡଙ୍କର ମତାମତ ଲୋଡାଯିବ, ଏବଂ ଏହି ବୋର୍ଡ ସଂପୃକ୍ତ କିଶୋର ବା ବାଳୁତର ବୟସ ଘୋଷଣା କରିବେ । ଯେଉଁସ୍ଥଳେ ସଠିକ୍ ବୟସ ନିରୂପଣ କରିବା ସମ୍ଭବ ନୁହେଁ, ସେପରି ସ୍ଥଳେ ସଂପୃକ୍ତ ଅଦାଲତ ବା ପରିଷଦ ବା ଯଥାସ୍ଥିତି କମିଟି ନିଜେ ଯଦି ଆବଶ୍ୟକ ମଣନ୍ତି, ତେବେ କାରଣଗୁଡିକୁ ଲିପିବଦ୍ଧ କରିବା ସହିତ ସଂପୃକ୍ତ ବାଳୁତ ବା କିଶୋରକୁ ସଂଶୟ-ଜନିତ ରିହାତି ଦେବା ଉଦ୍ଦେଶ୍ୟରେ ଗୋଟିଏ ବର୍ଷର ସୀମା ଭିତରେ ତା'ର ବୟସ କମେଇ ନିରୂପଣ କରିପାରନ୍ତି ;

ଏବଂ ଏତାଦୃଶ ଆଦେଶ ଜାରି କରିବା ପୂର୍ବରୁ ଯଦି କୌଣସି ପ୍ରମାଣ ଉପଲବ୍ଧ ହୋଇଥାଏ, ତାକୁ ବା ଯଥାସ୍ଥିତି ଚିକିତ୍ସାବିଜ୍ଞାନୀଙ୍କ ମତାମତକୁ ବିଚାରକୁ ନେଇ ବୟସ ସମ୍ବନ୍ଧରେ ନିଜର ନିର୍ଦ୍ଧାରଣ ଲିପିବଦ୍ଧ କରିବେ, ଏବଂ ପୁଣି ଖଣ୍ଡବାକ୍ୟ(ଏ)(୧)(୨)(୩) ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବା କେଉଁ ପ୍ରମାଣ ଭିତ୍ତିରେ ଏପ୍ରକାର ନିର୍ଦ୍ଧାରଣ କରାଯାଇଛି ବା ସେସବୁର ଅଭାବରେ ଖଣ୍ଡବାକ୍ୟ (ବି) ଅନୁଯାୟୀ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ହୋଇଥିବା ଉକ୍ତ ବାଳୁତ ବା କିଶୋରର ବୟସ ସମ୍ବନ୍ଧରେ ଚୂଡାନ୍ତ ପ୍ରମାଣ ମିଳିଛି, ତାହା ମଧ୍ୟ ଲିପିବଦ୍ଧ କରିବେ ।

(୪) ଯଦି ଉପନିୟମ (୩)ରେ ସୂଚୀତ ହୋଇଥିବା କୌଣସି ଚୂଡାନ୍ତ ପ୍ରମାଣ ଆଧାରରେ ଏହା ଜଣାପଡେ ଯେ, ଅପରାଧ ଘଟିଥିବା ତାରିଖ ଦିନ ସଂପୃକ୍ତ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରର ବୟସ ଅଠର ବର୍ଷରୁ କମ୍ ଥିଲା, ତେବେ ସଂପୃକ୍ତ ଅଦାଲତ ବା ପରିଷଦ ବା ଯଥାସ୍ଥିତି କମିଟି ଲିଖିତ ଭାବେ ଏକ ଆଦେଶ ଜାରି କରିବେ, ଯେଉଁଥିରେ ବୟସ ସୂଚୀତ ହୋଇଥିବା ସହିତ ଏହି ଆଇନ୍ ଏବଂ ଏହାର ନିୟମାବଳୀର ଉଦ୍ଦେଶ୍ୟାର୍ଥେ ଉକ୍ତ ବାଳୁତ ଜଣେ କିଶୋର କି ନୁହେଁ ତାହା ସୂଚୀତ ହୋଇଥିବ ଏହି ଆଦେଶର ଏକ ନକଲ ସଂପୃକ୍ତ କିଶୋର ବା ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ।

(୫) ଏହି ନିୟମର ଉପନିୟମ (୩)ରେ ସୂଚୀତ ହୋଇଥିବା ସାର୍ଟିଫିକେଟ୍ ବା ଅନ୍ୟ କୌଣସି ଦଲିଲ୍‌ର ପ୍ରମାଣକୁ ପରୀକ୍ଷା ଏବଂ ହସ୍ତଗତ କଲାପରେ, ଯେଉଁଠି ଆଇନ୍‌ର ଧାରା ୭(ଏ) ଏବଂ ଧାରା ୬୪ ଏବଂ ଏହି ନିୟମାବଳୀ ଅନୁଯାୟୀ ଅଧିକ ଅନୁସନ୍ଧାନ ବା ସେଭଳି କିଛି ପଦକ୍ଷେପ ନେବାର ଆବଶ୍ୟକ ଥିବ, କେବଳ ସେଭଳି ସ୍ଥିତିଗୁଡିକର ବ୍ୟତିରେକ ଅନ୍ୟଥା ଅଦାଲତ ବା ପରିଷଦଙ୍କ ଦ୍ୱାରା ଆଉ ଅଧିକ ଅନୁସନ୍ଧାନ ଅନୁଷ୍ଠିତ ହେବନାହିଁ ।

(୬) ଏହି ନିୟମ ଅଧୀନରେ ସ୍ଥାନିତ ବ୍ୟବସ୍ଥାଗୁଡିକ ସେହିସବୁ ଫଇସଲା ହୋଇଥିବା କେଶ୍‌ଗୁଡିକ ପ୍ରତି ପ୍ରଯୁଜ୍ୟ ହେବ, ଯେଉଁଠି ଉପନିୟମ (୩) ଏବଂ ଆଇନ୍‌ର ବ୍ୟବସ୍ଥାମାନ ଅନୁଯାୟୀ କିଶୋରାବସ୍ଥା ସମ୍ବନ୍ଧରେ ନିର୍ଣ୍ଣୟ ନିଆଯାଇନାହିଁ, କାରଣ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରର ସ୍ୱାର୍ଥରେ ଆଇନ୍ ଅଧୀନରେ ଦଣ୍ଡବିଧାନ ସଂପର୍କୀୟ ଆଦେଶ ଯଥୋଚିତ ହେବା ଆବଶ୍ୟକ ।

**୧୩. ହାଜର ପରବର୍ତ୍ତୀ ପର୍ଯ୍ୟାୟରେ ପରିଷଦ ଦ୍ୱାରା ଅନୁସରଣୀୟ କାର୍ଯ୍ୟବିଧିସମୂହ-**

(୧) ସଂପୃକ୍ତ କିଶୋରର ସାମାଜିକ ପୃଷ୍ଠଭୂମି, କେଉଁ ପରିସ୍ଥିତିରେ ତାକୁ ଗିରଫ କରାଗଲା ଏବଂ ସେ କେଉଁ ଅପରାଧରେ ଅଭିଯୁକ୍ତ, ଏସବୁ ବିଷୟରେ କିଶୋରକୁ ହାଜର କରାଇଥିବା ଅଧିକାରୀସମୂହ, ବ୍ୟକ୍ତିବିଶେଷ ଓ ସଂସ୍ଥାସମୂହଙ୍କ ଦ୍ୱାରା ଯେଉଁ ରିପୋର୍ଟ ପ୍ରସ୍ତୁତ ହୋଇଥିବ, ତାହାକୁ କିଶୋରଜଣଙ୍କୁ ପରିଷଦ ସାମନାରେ ହାଜର କରାଗଲା ପରେ ପରିଷଦ ସମୀକ୍ଷା କରିବେ ଏବଂ ପରିଷଦ ସେହିଦିନ ତାଙ୍କର ତ୍ୱରିତ ଅନୁସନ୍ଧାନ ସମାପ୍ତ କରି ନିମ୍ନୋକ୍ତ ଆଦେଶ ଜାରି କରିବେ-

(ଏ) ଯଦି ଆଇନ୍‌କୁ ଉଲ୍ଲଂଘନ ସମ୍ବନ୍ଧରେ ପ୍ରମାଣ ଭିତ୍ତିହୀନ ବୋଲି ମନେହୁଏ ବା ଯେଉଁସ୍ଥଳେ କିଶୋର ଜଣକ ଏକ ମାମୁଲି ଧରଣର ଆଇନ୍ ଉଲ୍ଲଂଘନରେ ଜଡିତ ହୋଇଥିବ, ତେବେ କେଶ୍‌ଟିକୁ ଖାରଜ କରିଦିଆଯିବ;

(ବି) ଜଣେ କିଶୋରକୁ ପରିଷଦ ସାମନାରେ ହାଜର କରାଗଲା ବେଳେ ଦାଖଲ କରାଯାଇଥିବା ପୋଲିସ୍ ରିପୋର୍ଟରେ ଯଦି ଉକ୍ତ କିଶୋର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଛି ବୋଲି ସୁସ୍ପଷ୍ଟ ଭାବେ ସୂଚିତ ହୋଇଥିବ, ତେବେ ସେହି କିଶୋର ସମ୍ବନ୍ଧୀୟ ପ୍ରାସଙ୍ଗିକ ବିଷୟଗୁଡିକୁ କମିଟି ନିକଟକୁ ସ୍ଥାନାନ୍ତର କରାଯିବ;

(ସି) ଉପଯୁକ୍ତ ବ୍ୟକ୍ତି ବା ଉପଯୁକ୍ତ ଅନୁଷ୍ଠାନ ବା ଯଥାସ୍ଥିତି ପରିବୀକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନ ବା ହେପାଜତ୍ ଅଧୀନରେ ଥିବା କିଶୋରକୁ ଫର୍ମ-୧ରେ ସ୍ଥାନିତ ଆଦେଶ ଅନୁସାରେ ଖଲାସ କରିଦିଆଯିବ ଏବଂ ଏହାସହିତ ଏକ ନିର୍ଦ୍ଦେଶ ଦିଆଯିବ ଯେ, ପରବର୍ତ୍ତୀ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଅନୁସନ୍ଧାନ ସମୟରେ ସଂପୃକ୍ତ କିଶୋର ହାଜର ହେବ ବା ତାକୁ ହାଜର କରାଯିବ;

(ଡି) ଗୁରୁତର ଅପରାଧରେ ଜଡିତ ଥିବା କିଶୋରମାନଙ୍କ କ୍ଷେତ୍ରରେ ଅନୁସନ୍ଧାନ ଅସମାପ୍ତ ଥିବା ସମୟରେ ସେମାନଙ୍କୁ ଫର୍ମ-୨ରେ ସ୍ଥାନିତ ଆଦେଶ ଅନୁଯାୟୀ ଏକ ପରିବେକ୍ଷଣ ଗୃହ ବା ଉପଯୁକ୍ତ ଅନୁଷ୍ଠାନରେ ଅଟକ ରଖାଯିବ ;

(ଇ) ଅନୁସନ୍ଧାନ ସମାପ୍ତ ହୋଇନଥିବା ସତ୍ତ୍ୱେ ଯେଉଁ ସବୁ କ୍ଷେତ୍ରରେ ଖଲାସ କରାଯାଇପାରେ, ସେସବୁ କ୍ଷେତ୍ରରେ ପରିଷଦ ପ୍ରଥମ ତ୍ୱରିତ ଅନୁସନ୍ଧାନ କରିବାର ପନ୍ଦର ଦିନରୁ ଅଧିକ ବିଳମ୍ବ ହେଉନଥିବା ଏକ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ବିଜ୍ଞପ୍ତି କରିବେ ଏବଂ ଫର୍ମ-୩ରେ ସ୍ଥାନିତ ଆଦେଶ ଅନୁସାରେ ସଂପୃକ୍ତ ପରିବୀକ୍ଷା ଅଧିକାରୀଙ୍କ ଠାରୁ ସାମାଜିକ ଅନୁସନ୍ଧାନ ରିପୋର୍ଟ ମଗାଇବେ ।

(୨) ଯଥୋଚିତ ଏବଂ ଯଥାଶୀଘ୍ର ଅନୁସନ୍ଧାନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପରିଷଦ ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରିବେ, ଯଥା-

(ଏ) ଅନୁସନ୍ଧାନ ଆରମ୍ଭ କରିବା ସମୟରେ ପରିଷଦ ନିଜେ ହୃଦ୍‌ବୋଧ କରିବେ ଯେ, ପୋଲିସ୍ ଅଥବା ଓକିଲ ବା ପରିବୀକ୍ଷା ଅଧିକାରୀଙ୍କ ସମେତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ଜଣକ କୌଣସି ପ୍ରକାର ଦୁର୍ବ୍ୟବହାରର ଶୀକାର

ହୋଇନାହିଁ ଏବଂ ଯଦି ଏପ୍ରକାର କୌଣସି ଦୁର୍ବ୍ୟବହାର ଘଟିଥାଏ, ତେବେ ପରିଷଦ ତହିଁର ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବେ ;

(ବି) ଏହି ଆଇନ୍ ଅଧୀନରେ ଯେ କୌଣସି କେଶ୍ ପରିପ୍ରେକ୍ଷୀରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟବିଧି ଯଥାସମ୍ଭବ ସରଳ ପଦ୍ଧତିରେ ପରିଚାଳିତ ହେବ ଏବଂ ଯେଉଁ କିଶୋର ବିରୁଦ୍ଧରେ କାର୍ଯ୍ୟବିଧି ଆରମ୍ଭ କରଯାଇଛି, ତାକୁ ଯେପରି କାର୍ଯ୍ୟବିଧି ଚାଲୁଥିବା ସମୟରେ ଏକ ବାଳୁତ-ଅନୁକୂଳ ବାତାବରଣ ଉପଲବ୍ଧ ହେବ, ତାହାକୁ ସୁନିଶ୍ଚିତ କରିବା ପାଇଁ ପ୍ରଯତ୍ନ କରାଯିବ ;

(ସି) ପରିଷଦ ସାମନାକୁ ଅଣା ହୋଇଥିବା ପ୍ରତି କିଶୋରକୁ ନିଜର ବକ୍ତବ୍ୟ ଶୁଣେଇବାର ତଥା ଅନୁସନ୍ଧାନରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯିବ ;

(ଡି) ମାମୁଲି ଅପରାଧର କେଶ୍‌ଗୁଡିକ ଯଦି ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ପୋଲିସ୍ ଥାନାରେ ଫଇସଲା କରାଯାଇନଥାଏ, ତେବେ ସେଗୁଡିକୁ ପରିଷଦ ତ୍ୱରିତ କାର୍ଯ୍ୟବିଧି ବା ତ୍ୱରିତ ଅନୁସନ୍ଧାନ ଜରିଆରେ ଫଇସଲା କରିବେ, ଏବଂ ଯେଉଁସ୍ଥଳେ ସାତବର୍ଷ ବା ତଦୁର୍ଦ୍ଧ୍ୱ ଜେଲ୍‌ଦଣ୍ଡ ଥିବା ଏକ ସାଂଘାତିକ ଅପରାଧ ଘଟିଥିବ, ସେପରି ସ୍ଥଳେ ପୁଂଖାନୁପୁଂଖ ଅନୁସନ୍ଧାନର ଯଥାବିଧି ପ୍ରକ୍ରିୟା ଅନୁସୃତ ହୋଇପାରେ ;

(ଇ) ଏପରିକି ଅପରାଧ ଗୁରୁତର ହୋଇଥିଲେ ବି ସମନ୍ କେଶ୍ କ୍ଷେତ୍ରରେ ଯେଉଁ ବିଚାର ପଦ୍ଧତି ଅନୁସୃତ ହୋଇଥାଏ, ତାହାକୁ ପରିଷଦ ଅନୁସରଣ କରିବେ ।

(୩) ଯେଉଁସ୍ଥଳେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋର ସଂବନ୍ଧରେ ଏକ ଅନୁସନ୍ଧାନ ଚାଲୁଥିବା ବେଳେ ସାକ୍ଷୀମାନଙ୍କୁ ଜେରା ପାଇଁ ହାଜର କରାଯାଇଥାଏ, ସେତେବେଳେ ପରିଷଦ ଏହା ମନେ ରଖିବେ ଯେ, ବିପକ୍ଷ ପ୍ରତି କଠୋର ମନୋଭାବାପନ୍ନ ହୋଇ ଯେପରି କାର୍ଯ୍ୟବିଧି ପରିଚାଳନା କରାଯାଇଥାଏ, ତାହ ଉକ୍ତ ଅନୁସନ୍ଧାନ ପରିଚାଳନା କ୍ଷେତ୍ରରେ ପ୍ରଯୁଜ୍ୟ ହେବନି ଏବଂ ସେ କିଶୋରକୁ ପଚରାଉଚରା କରିବା ପାଇଁ ଭାରତୀୟ ପ୍ରମାଣ ଆଇନ୍, ୧୮୭୨ (୧୮୭୨ର ଆଇନ୍ ସଂଖ୍ୟା)ର ଧାରା ୧୬୫ ବଳରେ ନ୍ୟସ୍ତ କ୍ଷମତାବଳୀକୁ ପ୍ରୟୋଗ କରିବେ ତଥା କିଶୋରର ପୁନଃପ୍ରତିଷ୍ଠା ପାଇଁ ଅଧିକାର ଅଛି ବୋଲି ଏକ ପ୍ରାକ୍-ସିଦ୍ଧାନ୍ତ ପୋଷଣ କରିବା ଭିତ୍ତିରେ କାର୍ଯ୍ୟବିଧିକୁ ଆଗେଇ ନେବେ ।

(୪) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋରକୁ ଜେରା କଲାବେଳେ ଏବଂ ତା'ର ବୟାନ ଲିପିବଦ୍ଧ କଲାବେଳେ ପରିଷଦ ଉକ୍ତ କିଶୋରକୁ ଏକ ବାଳୁତ-ଅନୁକୂଳ ରୀତିରେ ସମ୍ବୋଧନ କରିବେ, ଯାହା ଫଳରେ କିଶୋର ଜଣକ ନିଜକୁ ସ୍ୱଚ୍ଛନ୍ଦ ଅନୁଭବ କରିବ ଏବଂ କେବଳ ନିଜେ ଅଭିଯୁକ୍ତ ହୋଇଥିବା ଅପରାଧ ବିଷୟରେ ନୁହେଁ, ବରଂ ସେ ଭୁକ୍ତଭୋଗୀ ହୋଇଥିବା ପାରିବାରିକ ଏବଂ ସାମାଜିକ ପରିବେଶ ଓ ପ୍ରଭାବ ବିଷୟରେ ନିର୍ଭୀକ ଭାବେ ସମସ୍ତ ସତ୍ୟାସତ୍ୟ ଓ ତଥ୍ୟାବଳୀ ପ୍ରକାଶ କରିବା ପାଇଁ ପ୍ରୋତ୍ସାହିତ ଅନୁଭବ କରିବ ।

(୫) ସଂପୃକ୍ତ କିଶୋର ସମ୍ବନ୍ଧରେ ଏକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ପରିଷଦ ଗିରଫ ଏବଂ ଯେଉଁ ଅପରାଧ ତା'ଦ୍ୱାରା ଘଟିଛି ବୋଲି ଅଭିଯୋଗ ଉଠିଛି, ତହିଁର ପରିସ୍ଥିତିସମୂହ ବିଷୟରେ ସୂଚନା ବହନ କରିଥିବା ପୋଲିସ୍ ରିପୋର୍ଟକୁ ବିଚାରକୁ ନେବେ ତଥା ଫର୍ମ-୩ରେ ସ୍ଥିନିତ ହୋଇଥିବା ପରିଷଦଙ୍କ ଆଦେଶ ଅନୁଯାୟୀ ପରିବୀକ୍ଷା ଅଧିକାରୀ ବା ସ୍ୱେଚ୍ଛାସେବୀ ସଂଗଠନଙ୍କ ଦ୍ୱାରା ଫର୍ମ-୪ରେ ପ୍ରସ୍ତୁତ ହୋଇଥିବା ସାମାଜିକ ଅନୁସନ୍ଧାନ ରିପୋର୍ଟ ଓ ଏହାସହିତ ସଂପୃକ୍ତ ପକ୍ଷମାନଙ୍କ ଦ୍ୱାରା ଆଗତ ପ୍ରମାଣସବୁକୁ ମଧ୍ୟ ବିଚାରକୁ ନେବେ ।

(୬) ପ୍ରଥମ ତ୍ୱରିତ ଅନୁସନ୍ଧାନର ଚାରିମାସ ଭିତରେ ପରଷଦଙ୍କ ଦ୍ୱାରା ପ୍ରତି ଅନୁସନ୍ଧାନ ସମାପ୍ତ ହେବ ଏବଂ କେବଳ ସେହି କେତେକ ବ୍ୟତିକ୍ରମ ପରିପ୍ରେକ୍ଷୀରେ, ଯଥା ଯେଉଁଠି ରାଷ୍ଟ୍ର ବହିର୍ଭୁତ ଅପରାଧ ଜଡିତ ଥାଏ ବା ବହୁସଂଖ୍ୟକ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଆସିଥାଏ ବା ସାକ୍ଷୀମାନଙ୍କୁ ହାଜର କରାଇବାରେ ଅତିରିକ୍ତ ବିଳମ୍ବ ଘଟିଥାଏ, ପରିଷଦ କାରଣମାନ ଲିପିବଦ୍ଧ କରି ଅନୁସନ୍ଧାନର କାର୍ଯ୍ୟକାଳକୁ ଦୁଇମାସ ପାଇଁ ବୃଦ୍ଧି କରିପାରନ୍ତି ।

(୭) କେବଳ ଯେଉଁଠି ଏକ ଗୁରତର ଅପରାଧ ଘଟିଛି ବୋଲି ଅଭିଯୋଗ ଉଠିଥାଏ, ସେହି ସବୁ ବ୍ୟତିକ୍ରମ ସ୍ଥିତିକୁ ବାଦ୍ ଦେଲେ ଅନ୍ୟ ସବୁ କ୍ଷେତ୍ରରେ କାର୍ଯ୍ୟବିଧି ଯଦି ଚାରିରୁ ଛ ମାସ ଠାରୁ ଅଧିକ ବିଳମ୍ବ ହୁଏ, ତେବେ ସଂପୃକ୍ତ କାର୍ଯ୍ୟବିଧି ଆପେ ଆପେ ଅବସାନ ଲାଭ କରିବ ।

(୮) ଯେଉଁସ୍ଥଳେ ସଂପୃକ୍ତ କିଶୋର ଦ୍ୱାରା ଘଟିଥିବା ଅପରାଧ ଗୁରୁତର ବୋଲି ଅଭିଯୋଗ ହୋଇଥିବା କାରଣରୁ କାର୍ଯ୍ୟବିଧିର ସମାପନ ଛ ମାସରୁ ଅଧିକ ବିଳମ୍ବ ହୋଇଥାଏ, ସେପରି ସ୍ଥଳେ ପରିଷଦ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ଙ୍କ ନିକଟକୁ ସମୟାନ୍ତରରେ କେଶ୍ ସମ୍ବନ୍ଧରେ ଗୋଟିଏ ଲେଖାଁ ରିପୋର୍ଟ ପଠାଇବେ ଏବଂ ଏଥିରେ ବିଳମ୍ବର କାରଣଗୁଡିକ ସହିତ କେଶ୍‌ର କ୍ଷିପ୍ର ଫଇସଲା ପାଇଁ ନିଜେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ବନ୍ଧରେ ମଧ୍ୟ ସୂଚାଇବେ ।

**୧୪. ଆଇନ୍ ସହାୟତା-**

(୧) ବିପକ୍ଷ ଉପରେ ଦୋଷାରୋପ କରିବାର ପ୍ରବଣତାରୁ ମୁକ୍ତ ରହିଥିବା ଏକ ବାତାବରଣ ଭିତରେ ପରିଷଦ ସ୍ତରର ସମସ୍ତ କାର୍ଯ୍ୟବିଧି ପରିଚାଳିତ ହେବ, କିନ୍ତୁ ଓକିଲ ଓ ମାଗଣା ଆଇନ୍ ସହାୟତା ପାଇଁ ଜଣେ ବ୍ୟକ୍ତିର ଅଧିକାର ଥିବା ଭଳି ସମସ୍ତ ବିଧିମନ୍ୟ ପ୍ରକ୍ରିୟାଗତ ଗ୍ୟାରେଣ୍ଟିଗୁଡିକର ପରିପାଳନ କରାଯିବ ।

(୨) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ସମସ୍ତ କିଶୋରଙ୍କୁ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଓ ରାଜ୍ୟ ଆଇନ୍ ସହାୟତା ସେବା କର୍ତ୍ତୃପକ୍ଷଙ୍କର ବିଧି ଅଧିକାରୀ ଯେପରି ମାଗଣା ଆଇନ୍ ସେବା ଯୋଗାଇଦେବେ, ତାହାକୁ ପରିଷଦ ସୁନିଶ୍ଚିତ କରିବେ ।

(୩) ପରିଷଦ ଚାହିଁବା ଅନୁଯାୟୀ ତାଙ୍କୁ ଆଇନ୍ ସେବାସମୂହ ଯୋଗାଇଦେବା ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଓ ରାଜ୍ୟ ଆଇନ୍ ସହାୟତା ସେବା କର୍ତ୍ତୃପକ୍ଷଙ୍କର ବିଧି ଅଧିକାରୀଙ୍କର ଏକ କର୍ତ୍ତବ୍ୟ ।

(୪) ଯେଉଁସ୍ଥଳେ ରାଜ୍ୟ ଆଇନ୍ ସହୟତା ସେବାସମୂହ କର୍ତ୍ତୃପକ୍ଷଙ୍କ ଠାରୁ ମିଳୁଥିବା ସହଯୋଗ ଅକୁଳାଣ ହେବ, ସେପରି ସ୍ଥଳେ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ଆଇନ୍ ସେବା ସଂଗଠନ ବା ବିଶ୍ୱବିଦ୍ୟାଳୟ ଆଇନ୍ ସେବାସମୂହ ସହାୟତା କେନ୍ଦ୍ରରୁ ଆଇନ୍ ସେବା ଲୋଡିବା ପାଇଁ ପରିଷଦ ଉତ୍ତରଦାୟୀ ରହିବେ ।

(୫) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ସମସ୍ତ କିଶୋରମାନଙ୍କର ପିତାମାତା ସହ ଯୋଗାଯୋଗ ସ୍ଥାପନା ଏବଂ କିଶୋରମାନଙ୍କ ସମ୍ବନ୍ଧରେ ପ୍ରାସଙ୍ଗିକ ସାମାଜିକ ଏବଂ ଥଇଥାନ-ସଂପର୍କୀତ ସୂଚନାବଳୀ ସଂଗ୍ରହ ଭଳି ବିଧି-ସହାୟକ (ପାରାଲିଗାଲ୍) କାର୍ଯ୍ୟଗୁଡିକର ସମ୍ପାଦନ ପାଇଁ ପରିଷଦ ଆଇନ୍ ସେବା କ୍ଷେତ୍ରରେ ସକ୍ରିୟ ଥିବା ଛାତ୍ର ସ୍ୱେଚ୍ଛାସେବୀ ତଥା ବେସରକାରୀ ସଂଗଠନର ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିପାରନ୍ତି ।

୧୫. **ଅନୁସନ୍ଧାନର ସମାପ୍ତି ଏବଂ ସ୍ୱଭାବ-ଅନୁକୂଳ ବିକଳ୍ପସମୂହ-**

(୧) ନିର୍ଦ୍ଧାରିତ ଚାରିମାସର ସମୟସୀମା ଭିତରେ ପରିଷଦ ଅନୁସନ୍ଧାନ କାର୍ଯ୍ୟ ସଂପୂର୍ଣ୍ଣ କରିବେ ଏବଂ ଆରୋପିତ ଅପରାଧରେ ସଂପୃକ୍ତ କିଶୋରର ସଂପୃକ୍ତି ବିଷୟରେ ପ୍ରାପ୍ତ ସୂଚନାକୁ ଲିପିବଦ୍ଧ କରିବେ ଏବଂ ଏହା ପରେ ଆଇନ୍‌ର ଧାରା ୧୫ ଅଧୀନରେ ସୂଚୀତ ହୋଇଥିବା ସାତଟି ସ୍ୱଭାବ-ଅନୁକୂଳ ଆଦେଶ ଭିତରୁ କୌଣସି ଗୋଟିଏ ଜାରି କରିବେ।

(୨) କୌଣସି ଏକ ଆଦେଶ ଜାରି କରିବା ପୂର୍ବରୁ ପରିଷଦ ସେହି ପରିବୀକ୍ଷା ଅଧିକାରୀ ବା ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସାମାଜିକ ଅନୁସନ୍ଧାନ ରିପୋର୍ଟ ମଗାଇବେ, ଯେକି ଏପରି ରିପୋର୍ଟ ପ୍ରସ୍ତୁତି ପାଇଁ ପରିଷଦ ଦ୍ୱାରା ପୂର୍ବରୁ ଆଦେଶିତ ହୋଇଥିବେ, ଏବଂ ପରିଷଦ ରିପୋର୍ଟର ବିଷୟବସ୍ତୁକୁ ବିଚାରକୁ ନେବେ।

(୩) ପରିଷଦ ଦ୍ୱାରା ଜାରି କରାଯାଉଥିବା ପ୍ରତି ସ୍ୱଭାବ-ଅନୁକୂଳ ଆଦେଶ ଭିତରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ସଂପୃକ୍ତ କିଶୋର ଉପରେ ଯେମିତି ହେଲେ ଏକ ବ୍ୟକ୍ତିଗତ ପ୍ରଯତ୍ନ ଯୋଜନା ଅନ୍ତର୍ଭୁକ୍ତ ହୋଇଥିବ, ଯାହାକି କିଶୋର ଏବଂ ଯଥାସମ୍ଭବ ତା'ର ପରିବାର ସହ କଥାବାର୍ତ୍ତାକୁ ଭିତ୍ତି କରି ଜଣେ ପରିବୀକ୍ଷା ଅଧିକାରୀ ବା ସ୍ୱେଚ୍ଛାସେବୀ ସଂଗଠନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବ।

(୪) ଯେଉଁସ୍ଥଳେ ପରିଷଦ ନିର୍ଣ୍ଣୟ କରିବେ ଯେ, ପରାମର୍ଶ ଏବଂ ଚେତାବନୀ ଦେବା ପରେ ବା ଦଳଗତ ପରାମର୍ଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲାପରେ ସଂପୃକ୍ତ କିଶୋରକୁ ଖଲାସ କରିଦିଆଯିବ, ବା ଗୋଷ୍ଠୀସେବାରେ ନିୟୋଜିତ ହେବା ପାଇଁ ତାକୁ ଆଦେଶ ଦିଆଯିବ, ସେପରି ସ୍ଥଳେ ଆବଶ୍ୟକୀୟ ବ୍ୟକ୍ତିଗତ ପରାମର୍ଶ, ଦଳଗତ ପରାମର୍ଶ ଏବଂ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପରିଷଦ ଜିଲ୍ଲା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି।

(୬) ଯେଉଁସ୍ଥଳେ ପରିଷଦ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ପରୀକ୍ଷାମୂଳକ ଭାବେ ଖଲାସ କରିବାକୁ ଚାହାଁନ୍ତି ଏବଂ ତାକୁ ତା'ର ପିତାମାତା ବା ଅଭିଭାବକ ବା ଉପଯୁକ୍ତ ବ୍ୟକ୍ତିଙ୍କ ଯତ୍ନ ଅଧୀନରେ ସ୍ଥାନିତ କରିବାକୁ ଚାହାଁନ୍ତି, ସେପରି ସ୍ଥଳେ ଯେଉଁ ବ୍ୟକ୍ତିଙ୍କ ହେପାଜତ୍ ଅଧୀନରେ ରହିବା ପାଇଁ କିଶୋରକୁ ଖଲାସ କରାଯିବ, ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ପାଇଁ କିଶୋରର ଉତ୍ତମ ବ୍ୟବହାର ଓ ଉତ୍ତମ ଅବସ୍ଥା ପାଇଁ ଏକ ଲିଖିତ ଅଙ୍ଗୀକାର ଫର୍ମ-୫ରେ ଦାଖଲ କରିବା ଜରୁରୀ।

(୭) ଫର୍ମ-୬ ଅନୁଯାୟୀ ବିନା ବନ୍ଧକରେ କେବଳ ବ୍ୟକ୍ତିଗତ ବଣ୍ଡ୍ ଭିତ୍ତିରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ଖଲାସ କରିବା ପାଇଁ ପରିଷଦ ଆଦେଶ ଦେଇପାରନ୍ତି।

(୮) ଯେଉଁ ସ୍ଥଳେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ଏକ ଉପଯୁକ୍ତ ଅନୁଷ୍ଠାନ ବା ସ୍ୱତନ୍ତ୍ର ଗୃହର ହେପାଜତ୍ ଅଧୀନରେ ସ୍ଥାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯିବ, ସେପରି ସ୍ଥଳେ ପରିଷଦ ଏହା ମନେ ରଖିବେ ଯେ, ଉକ୍ତ ଉପଯୁକ୍ତ ଅନୁଷ୍ଠାନ ବା ସ୍ୱତନ୍ତ୍ର ଗୃହ କିଶୋରର ପିତାମାତା ବା ଅଭିଭାବକଙ୍କ ବାସସ୍ଥାନର ନିକଟତମ ସ୍ଥାନରେ ଅବସ୍ଥିତ।

(୯) ଯେଉଁ ସ୍ଥଳେ ପରିଷଦ ନିର୍ଣ୍ଣୟ କରିବେ ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ରୂପେ ବିବେଚନା କରାଯିବ, ସେପରି ସ୍ଥଳେ ସେହି ବାଳୁତର ଉପଯୁକ୍ତ ଯତ୍ନ, ସୁରକ୍ଷା ଏବଂ ଥଇଥାନ ଉଦ୍ଦେଶ୍ୟରେ ନିକଟତମ କମିଟି ସମ୍ମୁଖରେ ହାଜର କରାଇବା ପାଇଁ ପରିଷଦ ଆବଶ୍ୟକୀୟ ଆଦେଶ ଜାରି କରିବେ।

(୧୦) ଯେଉଁ ସ୍ଥଳେ ପରିଷଦକୁ ଏହା ପ୍ରତୀୟମାନ ହେବ ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ପରିବୀକ୍ଷାର ସର୍ତ୍ତାବଳୀକୁ ପାଳନ କରିନାହିଁ, ସେପରି ସ୍ଥଳେ ପରିଷଦ ସେହି କିଶୋରକୁ ଏକ ସ୍ୱତନ୍ତ୍ର ଗୃହରେ ଅଟକ ପାଇଁ ଆଦେଶ ଜାରି କରିପାରିବେ ।

(୧୧) ଯେଉଁ ସ୍ଥଳେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ଷୋହଳ ବର୍ଷ ଅତିକ୍ରମ କରିସାରିଛି ଏବଂ ତା ଦ୍ୱାରା ଘଟିତ ଅପରାଧ ଏଭଳି ଗୁରତର ଧରଣର ଯେ ପରିଷଦଙ୍କ ବିବେଚନାରେ ତାକୁ ସ୍ୱତନ୍ତ୍ର ଗୃହରେ ରଖିବା ଉକ୍ତ କିଶୋର କିମ୍ବା ସେହି ଗୃହର ଅନ୍ୟ ଅନ୍ତେବାସୀଙ୍କ ସ୍ୱାର୍ଥାନୁକୂଳ ହେବ ନାହିଁ, ସେପରି ସ୍ଥଳେ ଉକ୍ତ କିଶୋରକୁ ଏଭଳି ଏକ ନିରାପଦ ସ୍ଥାନରେ ଏବଂ ଏଭଳି ଏକ ରୀତିରେ ରଖାଯିବା ପାଇଁ ପରିଷଦ ଆଦେଶ ଜାରି କରିପାରନ୍ତି, ଯାହାକି ପରିଷଦଙ୍କ ବିବେଚନାରେ ସବୁଠୁଁ ଯଥୋଚିତ ମନେହେବ ।

(୧୨) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ ସ୍ୱତନ୍ତ୍ର ଧରଣର କିଶୋରକୁ ସ୍ୱତନ୍ତ୍ର ଗୃହ ଛଡା ଅନ୍ୟ କୌଣସି ନିରାପଦ ସ୍ଥାନରେ ଅଟକ ରଖିବା ପାଇଁ ଆଦେଶର ଅନୁପାଳନାର୍ଥେ ରାଜ୍ୟ ସରକାର ବ୍ୟବସ୍ଥା କରିବେ ।

(୧୩) ଆଇନ୍‌ର ଧାରା ୧୫ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ଜି)ରେ ସୂଚୀତ ହୋଇଥିବା ସର୍ବାଧିକ ସମୟସୀମା ଠାରୁ ଉକ୍ତ ଅଟକ ଅବଧି କୌଣସି ପରିସ୍ଥିତିରେ ଟପିବ ନାହିଁ ।

**୧୬. ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ପାଇଁ ଅନୁଷ୍ଠାନସମୂହ-**

(୧) ରାଜ୍ୟ ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନଙ୍କ ଦ୍ୱାରା ବାଳକ ଓ ବାଳିକା ମାନଙ୍କ ପାଇଁ ଅଲଗା ଅଲଗା ଗୃହ ବା ସ୍ୱତନ୍ତ୍ର ଗୃହମାନ ପ୍ରତିଷ୍ଠା କରାଯିବ ।

(୨) ପରିବେକ୍ଷଣ ଗୃହ ବା ସ୍ୱତନ୍ତ୍ର ଗୃହମାନଙ୍କରେ ୧୨ ବର୍ଷ ପର୍ଯ୍ୟନ୍ତ, ୧୩ରୁ ୧୫ ବର୍ଷ ଏବଂ ୧୬ ବର୍ଷ ଏବଂ ତାଠାରୁ ଅଧିକ ବୟସର ବାଳକ ଓ ବାଳିକାମାନଙ୍କ ପାଇଁ ଅଲଗା ଅଲଗା ବାସସ୍ଥାନର ସୁବିଧା ସୃଷ୍ଟି କରାଯାଇଥିବ ।

(୩) ଗୃହର ଉଭୟ କର୍ମଚାରୀବୃନ୍ଦ ଏବଂ ଅନ୍ତେବାସୀ କିଶୋର ଓ ବାଳୁତମାନଙ୍କ ବ୍ୟବହାର ପାଇଁ ସଂପୃକ୍ତ ଅନୁଷ୍ଠାନ ସେଠାରେ ଆଇନ୍ ଏବଂ ଏହା ଅଧୀନରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନିୟମାବଳୀର ନକଲ ଏବଂ ତାହା ସହିତ ଯଦି ରାଜ୍ୟ ସରକାରଙ୍କ ଦ୍ୱାରା କିଛି ନିୟମାବଳୀ ପ୍ରଣୟନ ହୋଇଥାଏ, ତେବେ ତହିଁର ନକଲ ରଖିଥିବେ ।

(୪) ରାଜ୍ୟ ସରକାର ନାଗରିକ ସମାଜ (ସିଭିଲ୍ ସୋସାଇଟି)ର ସହଯୋଗ କ୍ରମେ ଆଞ୍ଚଳିକ ଭାଷାଗୁଡିକରେ ଆଇନ୍ ଏବଂ ନିୟମାବଳୀର ସରଳୀକୃତ ଏବଂ ବାଳୁତ-ବୋଧଗମ୍ୟ ସଂସ୍କରଣ ପ୍ରସ୍ତୁତି କରିବା ସହିତ ଏହାକୁ ଉପଲବ୍ଧ କରାଇବେ ।

(୫) ଆଇନ୍ ଏବଂ ରାଜ୍ୟ ନିୟମାବଳୀର ବ୍ୟବସ୍ଥାମାନ ଅନୁଯାୟୀ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ଏବଂ ସେବାସମୂହ ଉପଲବ୍ଧ କରାଯିବ । ଯେଉଁସ୍ଥଳେ ରାଜ୍ୟ ନିୟମାବଳୀ ବିଜ୍ଞାପିତ ହୋଇନଥିବ, ସେପରି ସ୍ଥଳେ ଏହି ନିୟମାବଳୀର ବ୍ୟବସ୍ଥାମାନ ପ୍ରଯୁଜ୍ୟ ରହିବ ।

**୧୭. ଖଲାସ-**

(୧) ପରିଷଦଙ୍କ ଆଦେଶ ଅନୁଯାୟୀ ଯେଉଁସବୁ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କୁ ସର୍ବାଧିକ ରହଣି ସମୟ ଅତିକ୍ରାନ୍ତ ହୁଅନ୍ତେ ଖଲାସ କରିବା କଥା, ସେମାନଙ୍କର ଏକ ତାଲିକା ଦାୟିତ୍ୱ-ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅନୁରକ୍ଷିତ ।

(୨) ସଂପୃକ୍ତ ପରିବୀକ୍ଷା ଅଧିକାରୀ ବା ବାଳୁତ କଲ୍ୟାଣ ଅଧିକାରୀ ବା କେଶ୍ କର୍ମୀଙ୍କ ଦ୍ୱାରା ଏହି ନିୟମାବଳୀର ନିୟମ ୫୫ ଅନୁଯାୟୀ ଗଠିତ ପରିଚାଳନା କମିଟି ସମ୍ମୁଖରେ ପ୍ରତି କେଶ୍ ଉପସ୍ଥାପନ କରାଯିବ, ଯାହାଫଳରେ ସଂପୃକ୍ତ କିଶୋରକୁ ଯଥୋଚିତ ରୀତିରେ ଖଲାସ କରିବା ତଥା ଖଲାସ ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ୍ କରିବା ସୁନିଶ୍ଚିତ ହୋଇପାରିବ ।

(୩) ବ୍ୟକ୍ତିଗତ ପ୍ରଯତ୍ନ ଯୋଜନା ଅଧୀନରେ ପ୍ରସ୍ତୁତ ହୋଇଥିବା ତଥା ଏହି ନିୟମାବଳୀର ନିୟମ ୫୫ ଅନୁଯାୟୀ ଗଠିତ ପରିଚାଳନା କମିଟି ଦ୍ୱାରା ସମୟାନ୍ତରରେ ସମୀକ୍ଷା କରାଯାଉଥିବା ପ୍ରାକ୍-ଖଲାସ ଏବଂ ଖଲାସ- ଉତ୍ତର ବ୍ୟବସ୍ଥା ଅନୁଯାୟୀ ପ୍ରତି କିଶୋରକୁ ଖଲାସ କରାଯିବ ଏବଂ ଏତାଦୃଶ ଭାବେ ଖଲାସ କରାଯିବାର ପ୍ରତି କେଶ୍ କ୍ଷେତ୍ରରେ ଖଲାସର ଯଥେଷ୍ଟ ପୂର୍ବରୁ ଆବଶ୍ୟକୀୟ ପଦକ୍ଷେପ ଏବଂ ପ୍ରସ୍ତୁତି ଆରମ୍ଭ କରାଯାଇଥିବ ତଥା ଏଥି ମଧ୍ୟରେ ଖଲାସ ପରବର୍ତ୍ତୀ ତଦାରଖର ଯୋଜନା ପ୍ରସ୍ତୁତି ମଧ୍ୟ ଅନ୍ତର୍ଭୁକ୍ତ ଥିବ ।

(୪) ସଂପୃକ୍ତ କିଶୋରର ଖଲାସ ତଥା ଖଲାସ ହେବାର ନିର୍ଦ୍ଦିଷ୍ଟ ତାରିଖ ସମ୍ବନ୍ଧରେ ଠିକ୍ ସମୟରେ ପିତାମାତା ବା ଅଭିଭାବକଙ୍କୁ ସୂଚନା ଦିଆଯିବ ବା ଉକ୍ତ ତାରିଖରେ ସେମାନେ ନିଜେ ଅନୁଷ୍ଠାନକୁ ଆସି କିଶୋରର ଦାୟିତ୍ୱ ଗ୍ରହଣ କରିବା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରାଯିବ ।

(୫) ଆବଶ୍ୟକ ପଡିଲେ ପିତାମାତା ବା ଅଭିଭାବକଙ୍କ ଦ୍ୱାରା ଉଭୟ ପାଖର ଯାତାୟତ ପାଇଁ ଖର୍ଚ୍ଚ ହୋଇଥିବା ପ୍ରକୃତ ଅର୍ଥରାଶି ଏବଂ ଅନୁଷ୍ଠାନରୁ କିଶୋରର ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଡୁଥିବା ପ୍ରକୃତ ଅର୍ଥରାଶିକୁ ଦାୟିତ୍ୱ-ନିର୍ବାହୀ ଅଧିକାରୀ କିଶୋରର ଖଲାସ ସମୟରେ ସଂପୃକ୍ତ ପିତାମାତା ବା ଅଭିଭାବକଙ୍କୁ ପଇଠ କରିବେ ।

(୬) ଯେଉଁସ୍ଥଳେ ନିର୍ଦ୍ଧାରିତ ତାରିଖରେ ଯଥାସ୍ଥିତି ପିତାମାତା ବା ଅଭିଭାବକ ସଂପୃକ୍ତ କିଶୋରର ହେପାଜତ୍ ଗ୍ରହଣ କରିବା ପାଇଁ ଉପସ୍ଥିତ ହେବାରେ ବିଫଳ ହେବେ, ସେପରି ସ୍ଥଳେ ଅନୁଷ୍ଠାନର ଜଣେ ମାର୍ଗଦର୍ଶୀ-ସହଚରଙ୍କ ସହିତ କିଶୋରକୁ ପଠାଇଦିଆଯିବ, ଏବଂ ଜଣେ କିଶୋରୀ କ୍ଷେତ୍ରରେ ଅନୁଷ୍ଠାନର ଜଣେ ମହିଳା ମାର୍ଗଦର୍ଶୀ-ସହଚରଙ୍କ ସହିତ ତାକୁ ପଠାଯିବ ।

(୭) ଯଦି ଦାୟିତ୍ୱ-ନିର୍ବାହୀ ଅଧିକାରୀ ଆବଶ୍ୟକ ମନେ କରନ୍ତି, ତେବେ ସେ ଜଣେ କିଶୋରକୁ ଖଲାସ କରାଗଲା ବେଳେ ତାକୁ ଖରାଦିନ ବା ଶୀତଦିନର ପୋଷାକ ସହିତ ଜରୁରୀ ଶୌଚସାମଗ୍ରୀ ପ୍ରଦାନ କରିବେ ।

(୮) ଯେଉଁସ୍ଥଳେ ସଂପୃକ୍ତ କିଶୋରର କେହି ପିତାମାତା ବା ଅଭିଭାବକ ନଥିବେ, ତାକୁ ଗୋଟିଏ ଉତ୍ତର-ଯତ୍ନ ସଂଗଠନକୁ ପଠାଇ ଦିଆଯିବ ଅଥବା ତା ପାଇଁ ଯଦି କୌଣସି ନିଯୁକ୍ତି ଉପଲବ୍ଧ ଥାଏ, ତେବେ ତାକୁ ସେହି ବ୍ୟକ୍ତିଙ୍କ ନିକଟକୁ ପଠାଇ ଦିଆଯିବ, ଯେ କି ସଂପୃକ୍ତ କିଶୋରକୁ ନିଯୁକ୍ତ ଦେବା ପାଇଁ ରାଜି ଅଛନ୍ତି ।

(୯) ଗୋଟିଏ ବାଳିକା ଅନୁଷ୍ଠାନର ଦାୟିତ୍ୱ ନିର୍ବାହୀ ଅଧିକାରୀ ସଂପୃକ୍ତ ବାଳିକାର ସମ୍ମତି ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ସଂପୃକ୍ତ ବାଳିକାର ସାମାଜିକ ପୁନଃ-ସଂଗଠୀକରଣକୁ ସହାୟତା କରିବା ଉଦ୍ଦେଶ୍ୟରେ ଅଠରବର୍ଷରୁ ଅଧିକ ବୟସର ଜଣେ ବାଳିକାକୁ ଗୋଟିଏ ଯତ୍ନ-ଉତ୍ତର ସଂଗଠନକୁ ପଠାଇ ପାରନ୍ତି ବା ତାକୁ କୌଣସି ବୃତ୍ତି ବା ରୋଜଗାର-ଭିତ୍ତିକ କର୍ମନିଯୁକ୍ତିରେ

ଭର୍ତ୍ତି ହେବାରେ ସାହାଯ୍ୟ କରିପାରନ୍ତି ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୟାନ୍ତରରେ ନିର୍ଦ୍ଦେଶିତ ପଦ୍ଧତି ଅନୁଯାୟୀ ପାରିବାରିକ ଜୀବନ ଗ୍ରହଣ କରିବା ମାଧ୍ୟମରେ ସବୁଦିନ ପାଇଁ ଥଇଥାନ ହେବାରେ ସାହାଯ୍ୟ କରିପାରନ୍ତି ।

(୧୦) ଯେଉଁ କିଶୋରର ଅଟକ ଅବଧି ସମାପ୍ତ ହେବ, ଦାୟିତ୍ୱ ନିର୍ବାହୀ ଅଧିକାରୀ ଫର୍ମ-୭ରେ ସେହି କିଶୋରର ଖଲାସ ପାଇଁ ଆଦେଶ ଜାରି କରିବେ ଏବଂ ଏହାର ୭ଦିନ ଭିତରେ ଏ ବିଷୟରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ଅବହିତ କରିବେ, ଏବଂ ଯେଉଁସ୍ଥଳେ ଖଲାସ ତାରିଖ ରବିବାର ବା ଏକ ସରକାରୀ ଛୁଟିଦିବସରେ ପଡୁଥିବ, ସେପରି ସ୍ଥଳେ ଖଲାସ ରେଜିଷ୍ଟର୍‌ରେ ଏହି କାରଣ ଦର୍ଶାଇବା ସହିତ ସଂପୃକ୍ତ କିଶୋରକୁ ପୂର୍ବଦିନ ଖଲାସ କରାଯାଇପାରେ ।

(୧୧) ଦାୟିତ୍ୱ ନିର୍ବାହୀ ଅଧିକାରୀ ଯଥାସ୍ଥଳେ ସେହି ହାରରେ ଜୀବନ-ଧାରଣ ଭତ୍ତା ପଇଠ କରିବା ପାଇଁ ଆଦେଶ ଦେଇପାରନ୍ତି, ଯାହାକି ରାଜ୍ୟ ବା ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ନିର୍ଦ୍ଧାରିତ ହୋଇଥାଇପାରେ, ଏବଂ ଏହା ସହିତ ରେଲ୍‌ୱେ ବା ଯଥାସ୍ଥିତି ସଡକରେ ଯାତ୍ରାର ଆବଶ୍ୟକ ଭଡା ଦେଇପାରନ୍ତି ।

(୧୨) ଯେଉଁସ୍ଥଳେ ସଂପୃକ୍ତ କିଶୋର ଯୋଗ୍ୟ ବୋଲି ବିବେଚିତ ହେବ, ସେପରି ସ୍ଥଳେ ଦାୟିତ୍ୱ ନିର୍ବାହୀ ଅଧିକାରୀ ତାକୁ କିଛି ଛୋଟଛୋଟ ଯନ୍ତ୍ରପାତି ଦେଇପାରନ୍ତି, ଯାହା ଦ୍ୱାରା ସେ କୋଣସି ଏକ ଉଦ୍ୟୋଗ ବା ବ୍ୟବସାୟ ଆରମ୍ଭ କରିପାରେ ଏବଂ ଏହାର ସର୍ବାଧିକ ମୂଲ୍ୟ ଖଲାସ-ଉତ୍ତର ଯୋଜନାର ଅଂଶବିଶେଷ ଭାବେ ଅନୁଷ୍ଠାନ ଦ୍ୱାରା ନିର୍ଦ୍ଧାରିତ ହୋଇପାରେ ।

(୧୩) ଗୋଟିଏ ବାଳିକା ଖଲାସ ହେବା ପରେ କେଉଁ ସ୍ଥାନରେ ଆଶ୍ରୟ ନେବ, ଏ ବିଷୟ ଯଦି ଜଣାନଥାଏ, ଏବଂ ଯେଉଁସ୍ଥଳେ ଅନୁଷ୍ଠାନରେ ରହଣି କାଳ ଅତିକ୍ରାନ୍ତ ହେବାପରେ ତା'ର ଅନୁରୋଧ ଭିତ୍ତିରେ ଅଧିକ ରହଣିର ଅବଧି ମଧ୍ୟ ସମାପ୍ତ ହୋଇଯାଇଥାଏ, ସେପରି ସ୍ଥଳେ ଦାୟିତ୍ୱ ନିର୍ବାହୀ ଅଧିକାରୀ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ତାକୁ ସେହି ସମୟ ଅବଧି ପର୍ଯ୍ୟନ୍ତ ସେଠାରେ ରହିବାକୁ ଅନୁମତି ଦେଇପାରନ୍ତି, ଯେ ପର୍ଯ୍ୟନ୍ତ ଅନ୍ୟ କୌଣସି ଉପଯୁକ୍ତ ବ୍ୟବସ୍ଥା ଯୋଗାଡ ନହୋଇଛି ।

**୧୮. ଆଇନ୍‌ର ଧାରା ୨୧, ୨୨, ୨୩, ୨୪, ୨୫ ଓ ୨୬ କ୍ଷେତ୍ରରେ ଅନୁସରଣୀୟ କାର୍ଯ୍ୟବିଧି-**

(୧) ଆଇନ୍‌ର ଧାରା ୨୧ରେ ସ୍ଥାନିତ ବ୍ୟବସ୍ଥାଗୁଡିକର ଉଲ୍ଲଂଘନ ଘଟିଲେ-

(ଏ) ମୁଦ୍ରଣ କିମ୍ବା ଇଲେକ୍ଟ୍ରନିକ ଗଣମାଧ୍ୟମ ଦ୍ୱାରା ଉଲ୍ଲଂଘନକୁ ପରିଷଦ ସଂଜ୍ଞାନ କରିବେ, ଆବଶ୍ୟକୀୟ ଅନୁସନ୍ଧାନ ଆରମ୍ଭ କରିବେ ଏବଂ ଆଇନ୍‌ର ଧାରା ୨୧ ଅନ୍ତର୍ଗତ ଉପଧାରା (୨)ରେ ସ୍ଥାନିତ ବ୍ୟବସ୍ଥା ଅନୁଯାୟୀ ଯଥୋଚିତ ଆଦେଶ ଜାରି କରିବେ; ଏବଂ

(ବି) ଯେଉଁସ୍ଥଳେ ବାଳୁତ ଅଧିକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜାତୀୟ ବା ରାଜ୍ୟ କମିଶନ୍ ଆଇନ୍‌ର ଧାରା ୨୧ର କୌଣସି ଉଲ୍ଲଂଘନକୁ ସ୍ୱୟଂଚାଳିତ ହୋଇ ସଂଜ୍ଞାନ କରିବେ, ସେପରି ସ୍ଥଳେ ସେ ସଂପୃକ୍ତ ଜିଲ୍ଲାରେ ଥିବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ଏବଂ ରାଜ୍ୟ ସରକାରଙ୍କୁ ପରିଷଦ ମାଧ୍ୟମରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବେ ।

(୨) ଯେଉଁସ୍ଥଳେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଜଣେ ବାଳୁତ ଖସି ପଳାଇ ଯାଇଥାଏ, ସେପରି ସ୍ଥଳେ ଚବିଶ ଘଣ୍ଟା ଭିତରେ ନିମ୍ନୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ -

(ଏ) ଅନୁଷ୍ଠାନର ଦାୟିତ୍ୱ ନିର୍ବାହୀ ଅଧିକାରୀ ସ୍ଥାନୀୟ ପୋଲିସ୍ ଥାନା ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖାଙ୍କ ନିକଟକୁ କିଶୋର ବା ବାଳୁତର ସବିଶେଷ ବିବରଣ ଓ ବର୍ଣ୍ଣନ ସହିତ ଚିହ୍ନଟ ଲକ୍ଷଣ ଓ ଫଟୋଗ୍ରାଫ୍‌କୁ ସମ୍ମିଳିତ କରି ତୁରନ୍ତ ଏକ ରିପୋର୍ଟ ପଠାଇବେ ଏବଂ ଏହାର ଏକ ନକଲ  ପରିଷଦ, ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଏବଂ ଅନ୍ୟାନ୍ୟ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ପାଖକୁ ପଠାଇବେ ;

(ବି) ଆଶ୍ରୟ ଗୃହ ବା ଅସ୍ଥାୟୀ ରହଣି କେନ୍ଦ୍ର ବ୍ୟତିରେକ ଅନୁଷ୍ଠାନମାନଙ୍କର ଦାୟିତ୍ୱ ନିର୍ବାହୀ ଅଧିକାରୀ ସଂପୃକ୍ତ କିଶୋରକୁ ଖୋଜି ବାହାର କରିବା ପାଇଁ ସୁରକ୍ଷା କର୍ମୀ ଏବଂ ସଂପୃକ୍ତ କର୍ମଚାରୀମାନଙ୍କୁ ରେଲ୍‌ଓ୍ୱେ ଷ୍ଟେସନ୍ , ବସ୍‌ଷ୍ଟାଣ୍ଡ ଓ ଅନ୍ୟ ସେହି ସବୁ ସ୍ଥାନକୁ ପଠାଇବେ, ଯେଉଁଠାକୁ ସେହି କିଶୋର ପଳାଇ ଯାଇଥିବାର ସମ୍ଭାବନା ଥିବ ;

(ସି) ପିତାମାତା ଓ ଅଭିଭାବକମାନଙ୍କୁ ଏହି ପଳାଇଯିବା ବିଷୟରେ ତତ୍‌କ୍ଷଣାତ୍ ସୂଚନା ଦିଆଯିବ ; ଏବଂ

(ଡି) ଆଶ୍ରୟ ଗୃହ ବା ଅସ୍ଥାୟୀ ରହଣି କେନ୍ଦ୍ର ବ୍ୟତିରେକ ଗୋଟିଏ ଅନୁଷ୍ଠାନର ଦାୟିତ୍ୱ ନିର୍ବାହୀ ଅଧିକାରୀ ଏହି ପଳାୟନ ଘଟଣା ଉପରେ ଏକ ଅନୁସନ୍ଧାନ କରିବେ ଏବଂ ଏ ବିଷୟରେ ନିଜର ରିପୋର୍ଟକୁ ପରିଷଦ ବା କମିଟି ବା ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟକୁ ପଠାଇବେ ଏବଂ ଏହି ରିପୋର୍ଟକୁ ଏହି ନିୟମାବଳୀର ନିୟମ ୫୫ ଅଧୀନରେ ଗଠିତ ପରିଚାଳନା କମିଟି ସମ୍ମୁଖରେ ଏହାର ପରବର୍ତ୍ତୀ ବୈଠକରେ ସମୀକ୍ଷା ପାଇଁ ଉପସ୍ଥାପନ କରାଯିବ ।

(୩) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଜଣେ ବାଳୁତ ବିରୁଦ୍ଧରେ ଧାରା ୨୩, ୨୪, ୨୫ ଏବଂ ୨୬ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅପରାଧର ଅଭିଯୋଗ ଆଗତ ହୋଇଥିଲେ, ତାହା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ବ୍ୟବସ୍ଥାଗୁଡିକ ଅନୁଯାୟୀ ଧର୍ତ୍ତବ୍ୟ ହୋଇଥିବା ସ୍ଥଳେ ଜାମିନ୍-ଯୋଗ୍ୟ ବା ଜାମିନ୍-ଅଯୋଗ୍ୟ ହୋଇପାରେ ଏବଂ ଏ ସଂକ୍ରାନ୍ତରେ କାର୍ଯ୍ୟବିଧି ତଦନୁଯାୟୀ ପୋଲିସ୍, ପରିଷଦ ଏବଂ ସଂପୃକ୍ତ କର୍ତ୍ତୃପକ୍ଷ ଓ କର୍ମକର୍ତ୍ତାମାନଙ୍କ ପରିପ୍ରେକ୍ଷୀରେ ପ୍ରଯୁଜ୍ୟ ରହିବ ।